بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 17

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

26 ଏପ୍ରିଲ୍ 2018   26 ଶାହାଦତ୍ 1397 ହି.ଶ   09 ଶାବାନ୍ 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡا
کُلُوۡا مِنۡ طَیِّبٰتِ مَا رَزَقۡنٰکُمۡ
وَاشۡکُرُوۡا لِلّٰہِ اِنۡ کُنۡتُمۡ اِیَّاہُ تَعۡبُدُوۡنَ
(سورۃ البقرہ:173)

**ଅନୁବାଦ** - ହେ ବିଶ୍ୱାସକାରୀମାନେ ! ଆମ୍ଭେ ତୁମମାନଙ୍କୁ ଯେଉଁ ସବୁ ବିଶୁଦ୍ଧ ଦ୍ରବ୍ୟ ଦେଇଅଛୁ ତନ୍ମଧ୍ୟରୁ ଖାଓ ଏବଂ ଯଦି ତୁମେମାନେ (ପ୍ରକୃତରେ) ଉପାସନା କରୁଅଛ ତେବେ ତାହାଙ୍କ ପ୍ରତି କୃତଜ୍ଞତା (ମଧ୍ୟ) ଜ୍ଞାପନ କର ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ^ଅ.ବ^ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର^ଅ.ବ^ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର^ଅ.ବ^ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ୱ ବାରିକ୍‌ଲନା ଫି’ଉମ୍‌ରିହି ୱ ଅମ୍‌ରିହି ॥

**ଯେପରି ଫରିସ୍ତା କହିଥିଲେ କି ଏହି ରୋଟି ତୁମପାଇଁ ଓ ତୁମ ସହିତ ଥିବା ଦର୍‌ୱେଶ୍ (ସାଧୁସନ୍ଥ) ମାନଙ୍କ ପାଇଁ । ସେହିପରି ଦୟାଶୀଳ ଅଲ୍ଲାଃ ମୋତେ ଓ ମୋ ସହିତ ଥିବା ଦର୍‌ୱେଶ୍ ମାନଙ୍କୁ ପ୍ରତ୍ୟେକ ଦିନ ନିଜ ତରଫରୁ ଏହି ନିମନ୍ତ୍ରଣ ପଠାଇଥାନ୍ତି । ସୁତରାଂ ପ୍ରତ୍ୟହ ତା ଠାରୁ ମିଳୁଥିବା ନୂଆ ନିମନ୍ତ୍ରଣ ଆମ ପାଇଁ ହେଉଛି ଏକ ନୂତନ ନିଦର୍ଶନ/ଚିହ୍ନ ।**

# ହଜରତ ମସିହ ମଉଦ^ଆ.ସ^ଙ୍କ ନୀତି ବାଣୀ

**୧୨୦ ତମ ନିଦର୍ଶନ** - ଅଞ୍ଜୁମନ୍ ହିମାୟତ୍ ଇସ୍‌ଲାମ୍ ଲାହୋର୍ ସମ୍ବନ୍ଧରେ ଖୁଦାତାଲା ମୋ ପାଇଁ ଗୋଟିଏ ନିଦର୍ଶନ ପ୍ରକାଶ କରିଥିଲେ, ଯେହେତୁ ସେହି ନିଦର୍ଶନର ପ୍ରଥମ ସାକ୍ଷୀ ହେଉଛନ୍ତି ମୁଫ୍‌ତି ମହମ୍ମଦ୍ ସାଦିକ୍ ସାହେବ୍ ଏଡିଟର୍ ଅଖ୍‌ବାର୍ ବଦର୍ । ତେଣୁ ତାଙ୍କ ହାତର ଗୋଟିଏ ଚିଠି ନିମ୍ନରେ ସାକ୍ଷୀ ସ୍ୱରୂପ ଦିଆଯାଉଛି ଓ ତାହା ହେଉଛି ଏପରି : بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ

ହଜ୍‌ରତ୍ ଅକ୍‌ଦସ୍ ମୁର୍‌ଶଦ୍‌ନା ୱ ମେହଦୀନା ମସିହ୍ ମଉଦ୍ ୱ ମେହ୍‌ଦୀ ମାହୁଦ୍ ଅସ୍‌ସଲାତୋ ୱସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ । ଶ୍ରୀମାନ୍ ମୁଁ ଯାହା କିଛି ଜାଣିଛି ତାହା ଆପଣଙ୍କ ଗୋଚରରେ ବର୍ଣ୍ଣନା କରୁଅଛି ଓ ତାହା ହେଉଛି ଏପରି କି ଯେତେବେଳେ ଇସାଇ ମାନଙ୍କ ତରଫରୁ ପୁସ୍ତକ ଉମ୍ମହାତୁଲ୍ ମୁମିନିନ୍ ଅପ୍ରେଲ୍ ୧୮୯୮ ମସିହାରେ ଛପାଯାଇ ପ୍ରକାଶ ହୋଇଥିଲା ତେବେ ଅଞ୍ଜୁମନ୍ ହିମାୟତ୍ ଇସ୍‌ଲାମ୍ ଲାହୋର୍‌ର ସଦସ୍ୟମାନେ ସରକାରଙ୍କ ନିକଟକୁ ଏହି ପ୍ରବନ୍ଧ ବିଷୟରେ ମେମୋରିଆଲ୍ ପଠାଇଥିଲା କି ଉକ୍ତ ପୁସ୍ତକର ପ୍ରକାଶନକୁ ବନ୍ଦ୍ କରାଯାଉ ଏବଂ ଏହାର ଲେଖକ ଯିଏ ଏହିପରି ଖରାପ ପୁସ୍ତକ ଲେଖିଛନ୍ତି, ତାଙ୍କୁ ପ୍ରତିପ୍ରଶ୍ନ ପାଇଁ ପଚରାଯାଉ । ଉକ୍ତ ଦିନ ଗୁଡିକରେ ଏ ଅଧମ ଲାହୋର୍‌ଠାରେ ଆକାଉଁଟାଂଟ୍ ଜେନେରାଲ୍ ଦଫ୍‌ତର୍‌ରେ ଚାକିରି କରିଥିଲା ଏବଂ ଦୁଇ ଚାରିଦିନ ନିମନ୍ତେ କୌଣସି ଏକ ଛୁଟି ଅବସରରେ କାଦିଆନ୍ ଆସିଥିଲା । ଯେବେକି ହଜୁରଙ୍କ ଗୋଚରେ ସେମାନଙ୍କ ମେମୋରିଆଲ୍‌ର ଚର୍ଚ୍ଚା କରାଗଲା । ମୋର ଖୁବ୍ ମନେ ଅଛି କି ହଜୁର୍ ବହୁତ ଲୋକମାନଙ୍କ ସହିତ ବଗିଚାରେ ଭ୍ରମଣ କରିବା ପାଇଁ ଯାଉଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ମୌଲବୀ ମହମ୍ମଦ୍ ଅଲ୍ଲୀ ସାହେବ୍ ଏମ୍.ଏ ମଧ୍ୟ ଥିଲେ । ସେତେବେଳେ ହଜୁର୍ କହିଲେ କି ଅଞ୍ଜୁମନ୍ ଏ କଥା ଠିକ୍ କରିନାହିଁ । ଆମେ ସେହି ମେମୋରିଆଲ୍‌ର ଭୀଷଣ ବିରୋଧ କରୁଛୁ । ସୁତରାଂ ହଜୁର୍ ଉକ୍ତ ମୁଖାଲିଫତ୍‌କୁ ନିଜର ଏକ ଲେଖାରେ, ଯାହାକୁ ମେମୋରିଆଲ୍ ସଦୃଶ ଇଂରେଜ ସରକାରଙ୍କ ନିକଟକୁ ପଠାଇଥିଲେ ଓ ଏହାକୁ ସ୍ପଷ୍ଟ ରୂପେ ୪ ମଇ ୧୮୯୮ ମସିହା ଦିନ ପ୍ରକାଶ କରି ଛପାଇ ମଧ୍ୟ ଦେଇଥିଲେ । ଏଥିରେ ଅଞ୍ଜୁମନ୍‌ର ଲୋକମାନେ ବହୁତ ପାଟିତୁଣ୍ଡ କଲେ ଓ ଖବରକାଗଜ ଗୁଡିକରେ ହଜୁର୍‌ଙ୍କ ବିରୋଧରେ ନିବନ୍ଧ ପ୍ରକାଶ କଲେ । ସେହିଦିନ ଗୁଡିକରେ ଯେବେ ହଜୁର୍ ସଏର(ଭ୍ରମଣ)କରିବା ପାଇଁ ଯାଇଥିଲେ । ତେବେ ହଜୁର୍ କହିଥିଲେ କି ଆମକୁ ଅଞ୍ଜୁମନ୍ ହିମାୟତ୍ ଇସ୍‌ଲାମ୍ ଲାହୋର୍‌ର ଉକ୍ତ କାରବାଇ ସମ୍ବନ୍ଧରେ ଏଲ୍‌ହାମ୍ ହୋଇଛି କି سَتَذۡکُرُوۡنَ مَاۤ اَقُوۡلُ لَکُمۡ وَاُفَوِّضُ اَمۡرِیۡۤ اِلَی اللّٰہِ (ସତଜ୍‌କୁରୁନା ମା ଅକୁଲୁ ଲକୁମ୍ ୱ ଉଫୈୱିଜୁ ଅମ୍‌ରି ଇଲଲ୍ଲାଃ) ଏବଂ ଏହାର ଅନୁବାଦ ଓ ଭାବ ବିଷୟରେ ହଜୁର୍ ଅନୁୱର୍ କହିଲେ କି ଅତି ନିକଟରେ ଅଞ୍ଜୁମନ୍‌ର ଲୋକମାନେ ମୋ କଥାକୁ ମନେ ପକାଇବେ ଯେ ଏହି ଶୈଳୀକୁ ଗ୍ରହଣ କରିବା ଦ୍ୱାରା ଅସଫଳତା ମିଳିଥାଏ ଓ ଯେଉଁ ଶୈଳୀକୁ ଆମେ ଗ୍ରହଣ କରିଛୁ ଅର୍ଥାତ୍ ବିରୋଧିମାନଙ୍କ ଆରୋପକୁ ରଦ୍ଦ କରିବା ଓ ସେମାନଙ୍କୁ ଉତର ଦେବା, ଏକଥାକୁ ମୁଁ ଖୁଦାତାଲାଙ୍କ ନିକଟରେ ସମର୍ପଣ କରୁଛି ଅର୍ଥାତ୍ ଖୁଦା ମୋ କାର୍ଯ୍ୟକୁ ସୁରକ୍ଷା କରିବେ । କିନ୍ତୁ ଅଞ୍ଜୁମନ୍‌ର ଲୋକମାନେ ଯେଉଁ ଇଛା କରିଛନ୍ତି କି ‘ଉମ୍ମହାତୁଲ୍ ମୁମିନିନ୍’ ର ଲେଖକଙ୍କୁ ଦଣ୍ଡଦେବେ । ଏଥିରେ ସେମାନଙ୍କୁ କୌଣସି ସଫଳତା କଦାପି ମିଳିବ ନାହିଁ । ଏବଂ ପରେ ତାଙ୍କର ମନେପଡ଼ିବ କି ଯାହା ପୂର୍ବରୁ ବତାଇଦିଆଯାଇଥିଲା ତାହା ବାସ୍ତବରେ ଠିକ୍ ଥିଲା । ଏହି ଏଲ୍‌ହାମ୍‌ଟିକୁ ଶୁଣିବାର ଦିନେ ଦୁଇଦିନ ପରେ ଯେବେ ମୁଁ ପୁନର୍ବାର ଲାହୋର୍ ଗଲି ତେବେ ନିତ୍ୟାନୁସାରେ ମସ୍‌ଜିଦ୍ କମିଟି ବାଜାର୍ ଲାହୋର୍‌ଠାରେ ଗୋଟିଏ ଜଲ୍‌ସା କରାଗଲା ଓ ସେହି ଜଲ୍‌ସାରେ ଏ ଅଧମ ନିଜ କାଦିଆନ୍ ଗସ୍ତ ବାବଦରେ ରିପୋର୍ଟ ଶୁଣାଇବାର ଥିଲା । ତେଣୁ ହଜୁର୍‌ଙ୍କର ସେହି ଏଲ୍‌ହାମ୍ ଓ ତାର ବ୍ୟାଖ୍ୟା ସେଠାରେ ଥିବା ବହୁତ ଲୋକଙ୍କୁ ଶୁଣାଇ ଦିଆଗଲା ଏବଂ ମୁଁ ଏହାକୁ ଏବେ ଶୁଣାଇ ସାରିଥିଲି କି ଜଣେ ବ୍ୟକ୍ତି ଏ ଖବର ପହଂଚାଇଲା ଯେ ଅଞ୍ଜୁମନ୍‌କୁ ଲେଫ୍‌ଟ୍‌ନାଂଟ୍ ଗଭର୍ଣ୍ଣର୍‌ଙ୍କ ତରଫରୁ ଉତର ମିଳିଯାଇଛି ଓ ସେମାନଙ୍କର ମେମୋରିଆଲ୍ ନାମଞ୍ଜୁର୍ ହୋଇଯାଇଛି ଓ ପତ୍ରିକା ‘ଉମ୍ମହାତୁଲ୍ ମୁମିନିନ୍’ ର ଲେଖକ କୌଣସି କାନୁନ୍‌ର ପରିଧି ତଳେ ଆସିବେ ନାହିଁ । ତେବେ ଏହି ଖବରଟିକୁ ଶୁଣିବା ସମସ୍ତ ଜଲ୍‌ସାର ଉପସ୍ଥିତ ଥିବା ଲୋକମାନଙ୍କ ପାଇଁ ବିଶ୍ୱାସ ବର୍ଦ୍ଧକ ପ୍ରମାଣିତ ହେଲା ଓ ସମସ୍ତେ ଖୁଦାତାଲାଙ୍କ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ପାଇଁ, ତାର ପ୍ରଶଂସା ଗାନ କଲେ । (ଲେଖକ) ହଜୁର୍‌ଙ୍କ ଜୋତାର ଦାସ ମହମ୍ମଦ୍ ସାଦିକ୍ ।

**୧୨୧ ତମ ନିଦର୍ଶନ** - ଯେଉଁ ଦିନ ଗୁଡିକରେ ୪ ଅପ୍ରେଲ୍ ୧୯୦୫ ମସିହାର ଭୂମିକମ୍ପ ହୋଇଥିଲା ସେ ସମୟରେ ଖୁଦାତାଲାଙ୍କ ତରଫରୁ ମୋତେ ଏ ଖବର ଦିଆଯାଇଥିଲା କି ଏହି ଭୂମିକମ୍ପ ଯଥେଷ୍ଟ ନୁହେଁ, ଆହୁରି ମଧ୍ୟ ଭୂମିକମ୍ପ ଆସିବ । ସେଥିଯୋଗୁ ମୁଁ ସୁରକ୍ଷା ନିମନ୍ତେ ପିଲାପିଲିଙ୍କୁ ନେଇ ଓ ନିଜ ଜମାତ୍‌ର ଅଧିକାଂଶ ଲୋକଙ୍କ ସହିତ ବଗିଚାକୁ ଚାଲିଯାଇଥିଲି । ସେଠାରେ ଗୋଟିଏ ବଡ଼ ପଡ଼ିଆରେ ଦୁଇଗୋଟି ତମ୍ବୁର ଶିବିର ଲଗାଇ ରହୁଥିଲୁ । ସେହିଦିନ ଗୁଡିକରେ ମୋ ଘରର ଲୋକମାନେ ବହୁତ ବେମାର୍ ହୋଇଯାଇଥିଲେ । କୌଣସି ସମୟରେ ଜ୍ୱର ଛାଡୁନଥିଲା ଓ ତା ସହିତ ଖାସର ପ୍ରକୋପ ଥିଲା । ମୋର ନିଷ୍ପାପର ବନ୍ଧୁ ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବ୍ ଉପଚାର କରୁଥିଲେ କିନ୍ତୁ କୌଣସି ଲାଭ ଅନୁଭବ ହେଉନଥିଲା । ଏପରି ଅବସ୍ଥା ହେଲା କି ବସିବା ଓ ଉଠିବା କଷ୍ଟକର ହୋଇଗଲା । ଖଟିଆରେ ବସାଇଦେଇ ମହିଳାମାନେ ତମ୍ବୁ ଶିବିର ଭିତରକୁ ସନ୍ଧ୍ୟାବେଳେ ନେଇଯାଉଥିଲେ ଓ ସକାଳେ ଖଟିଆ ସାହାଯ୍ୟରେ ବଗିଚାକୁ ନେଇ ଆସୁଥିଲେ । ଦିନକୁ ଦିନ ଶରୀର ଖରାପ ହୋଇ ଚାଲିଥିଲା । ଶେଷରେ ମୁଁ ବହୁତ ଧ୍ୟାନର ସହିତ ଦୁଆ କଲି । ତେବେ ଯାଇ ଏ ଏଲ୍‌ହାମ୍ ହେଲା- اِنَّ مَعِیَ رَبِّیۡ سَیَہۡدِیۡنِ (ଇନ୍ନା ମଇୟା ରବ୍‌ବି ସୟହ୍‌ଦୀନ୍) ଅର୍ଥାତ୍ ମୋ ପାଳନକର୍ତା ମୋ ସହିତ ଅଛନ୍ତି । ବହୁତ ଶିଘ୍ର ସେ ମୋତେ ବତାଇଦେବେ କି ଏହା କି ପ୍ରକାର ରୋଗ ଓ ଏହାର ଉପଚାର କଣ ହେବ । ଏହି ଏଲ୍‌ହାମ୍‌ର କିଛି ମିନିଟ୍ ପରେ ମୋ ମନରେ ଏକଥା ପକାଇ ଦିଆଗଲା କି ଏହି ବେମାରୀଟି କଲିଜା ଗରମ ହୋଇଯିବା ଯୋଗୁ ହୋଇଛି । ମୋ ମନରେ ଏକଥା ମଧ୍ୟ ପକାଇ ଦିଆଗଲା କି ପୁସ୍ତକ شفاء الاسقام (ଶିଫାଉଲ୍ ଅସ୍‌କାମ୍)ର ନୁସ୍‌ଖା ଏହାପାଇଁ ଲାଭଦାୟକ ହେବ । ସୁତରାଂ ସେହି ନୁସ୍‌ଖା ପ୍ରସ୍ତୁତ କରାଗଲା ଏବଂ ତାହା କୁରୁସ (ମୁଦୁକ) ଥିଲା । ଯେବେ ତିନୋଟି ବା ଚାରୋଟି କୁରୁସ୍ ଖିଆଗଲା ତେବେ ଦିନେ ସକାଳ ଓଳି ମୁଁ ସ୍ୱପ୍ନରେ ଦେଖିଲି କି ଅବ୍‌ଦୁର୍ ରହ୍‌ମାନ୍ ନାମକ ଜଣେ ବ୍ୟକ୍ତି ଆମ ଘରକୁ ଆସିଛି ଓ ଛିଡ଼ା ହୋଇ କହୁଛି କି ଜର ଛାଡ଼ିଗଲା ଓ ଏହା ଅଲ୍ଲାଃତାଲାଙ୍କର ଅଜବ ଶକ୍ତି ଅଟେ କି ଗୋଟିଏ ପଟେ ଏ ସ୍ୱପ୍ନକୁ ଦେଖାଗଲା ଓ ଅନ୍ୟପଟେ ଯେବେ ମୁଁ ନାଡ଼ି ଦେଖିଲି ସେତେବେଳେ ଜରର ଚିହ୍ନ ବର୍ଣ୍ଣ ନଥିଲା ।

**୧୨୨ ତମ ନିଦର୍ଶନ** - ପାଖାପାଖି ୩୦ ବର୍ଷର ସମୟ ବିତିଗଲାଣି କି ଥରେ ମୁଁ ସ୍ୱପ୍ନରେ ଦେଖିଲି ଯେ ଗୋଟିଏ ଉଚ୍ଚା ମଣ୍ଡପ ଅଛି ଯାହା ଗୋଟିଏ ଦୋକାନ ସଦୃଶ ଅଟେ ଓ ବୋଧହୁଏ ତା ଉପରେ ଛାତ ମଧ୍ୟ ଅଛି । ତା ଭିତରେ ଗୋଟିଏ ସୁନ୍ଦର ପୁଅ ବସିଛି ଯାହାର ବୟସ ପାଖାପାଖି ସାତବର୍ଷ ହେବ । ମୋ ମନରେ ଏହା ଆସିଲା କି ଏ ହେଉଛନ୍ତି ଫରିସ୍ତା । ସେ ମୋତେ ଡାକିଲେ ବା ମୁଁ ନିଜେ ଗଲି ମୋର ମନେନାହିଁ । କିନ୍ତୁ ଯେତେବେଳେ ମୁଁ ତାଙ୍କ ମଣ୍ଡପ ପାଖରେ ଯାଇ ଛିଡ଼ା ହେଲି ସେ ଗୋଟିଏ ରୋଟି ଯାହା ଅତ୍ୟନ୍ତ କୋମଳ, ଚମକ୍‌ଦାର୍ ଓ ବହୁତ ବଡ଼ ଥିଲା ଅର୍ଥାତ୍ ଚାରୋଟି ରୋଟିର ଆକାର ସଦୃଶ ଥିଲା, ସେ ନିଜ ହାତରେ ଧରି ମୋତେ ଦେଲେ ଓ କହିଲେ କି ଏ ରୋଟି ନିଅ, ଏହା ତୁମପାଇଁ ଓ ତୁମ ସହିତ ଥିବା ଦର୍‌ୱେଶ୍ ମାନଙ୍କ ପାଇଁ । ସୁତରାଂ ଦଶବର୍ଷ ପରେ ସେହି ସ୍ୱପ୍ନଟି ପ୍ରକାଶ ହୋଇଗଲା । ଯଦିକେହି ନିର୍ମଳ ହୃଦୟ ସହିତ କାଦିଆନ୍‌ରେ ଆସି ରହିବ ତେବେ ସେ ଜାଣିପାରିବ କି ସେହି ରୋଟି ଯାହାକୁ ଫରିସ୍ତା ଦେଇଥିଲେ, ଦୁଇଓଳି ଆମକୁ ଶୂନ୍ୟରୁ ମିଳୁଅଛି । ଅନେକ ଗୃହସ୍ଥ ଦୁଇବେଳା ଏଠାରେ ରୋଟି ଖାଉଛନ୍ତି । ଅନେକ ଅନ୍ଧ, ଭିନ୍ନକ୍ଷମ ଓ ମିସ୍‌କିନ୍ (ନିଃସହାୟ ଲୋକେ) ଦୁଇବେଳା ଏହି ଲଙ୍ଗରଖାନାରୁ ରୋଟି ନେଇଯାଉଛନ୍ତି ଏବଂ ଚାରିଆଡୁ ଅତିଥି ଆସୁଛନ୍ତି । ରୋଟି ଖାଇବା ମାନଙ୍କର ହାରାହାରି ସଂଖ୍ୟା ପ୍ରତ୍ୟେକ ଦିନ ୨୦୦ ଓ ବେଳେବେଳେ ୩୦୦ ଓ ବେଳେବେଳେ ଏହାଠାରୁ ଅଧିକ ମଧ୍ୟ ହୋଇଥାଏ, ଯେଉଁମାନେ ଦୁଇବେଳା ଏହି ଲଙ୍ଗର୍‌ରୁ ରୋଟି ଖାଇଥାନ୍ତି । ଏତଦ୍‌ବ୍ୟତୀତ ଅତିଥିପରାୟଣତାର ଅଲଗା ଖର୍ଚ୍ଚ ରହିଛି । ହାରାହାରି ଖର୍ଚ୍ଚ ବହୁତ ମିତବ୍ୟୟ କରିବା ସତ୍ୱେ ମଧ୍ୟ ୧୫୦୦ ଟଙ୍କା ମାସିକ ଖର୍ଚ୍ଚ ହୋଇଥାଏ । କିନ୍ତୁ ଆହୁରି ଅନେକ ବିବିଧ ଖର୍ଚ୍ଚ ଅଛି ଯାହା ଏହାଠାରୁ ଅଲଗା ଅଟେ । ଓ ଖୁଦାଙ୍କର ଏହି ମୋଜେଜା (ଅଲୌକିକତା)କୁ ୨୦ ବର୍ଷ ହେବ ମୁଁ ଦେଖୁଅଛି ଯେ ଶୂନ୍ୟରୁ ଆମକୁ ସେହି ରୋଟି ମିଳୁଛି ଓ ଜଣାନାହିଁ କି କାଲି କେଉଁଠାରୁ ଆସିବ । କିନ୍ତୁ ଆସିଯାଉଛି । ହଜ୍‌ରତ୍ ଇସାଙ୍କ ହଓ୍ୱାରି ମାନଙ୍କର ତ ଏ ପ୍ରାର୍ଥନା ଥିଲା କି ହେ ଖୁଦା ଆମକୁ ପ୍ରତ୍ୟହ ରୋଟି ଦିଅ । କିନ୍ତୁ କରୁଣାମୟ ଖୁଦା ଆମକୁ ବିନା ପ୍ରାର୍ଥନାରେ ପ୍ରତ୍ୟହ ରୋଟି ପ୍ରଦାନ କରୁଛନ୍ତି । ଯେପରିକି (ସେହି) ଫରିସ୍ତା କହିଥିଲେ ଯେ ଏ ରୋଟି ତୁମପାଇଁ ଓ ତୁମ ସହିତ ଥିବା ଦର୍‌ୱେଶ୍ ମାନଙ୍କ ପାଇଁ ଅଟେ । ସେହିପରି ଦୟାଶୀଳ ଅଲ୍ଲାଃ ମୋତେ ଓ ମୋ ସହିତ ଥିବା ଦର୍‌ୱେଶ୍ ମାନଙ୍କୁ ପ୍ରତ୍ୟେକ ଦିନ ନିଜ ତରଫରୁ ଏହି ନିମନ୍ତ୍ରଣ ପଠାଇଥାନ୍ତି । ସୁତରାଂ ପ୍ରତ୍ୟହ ତା ଠାରୁ ମିଳୁଥିବା ନୂଆ ନିମନ୍ତ୍ରଣ ଆମ ପାଇଁ ହେଉଛି ଏକ ନୂତନ ନିଦର୍ଶନ/ଚିହ୍ନ ।

(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୮୭)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

(ସେଥିରେ) ସେ ଦିର୍ଘ ସମୟ ପଡ଼ି ରୁହେ ତେବେ ସେ ଲୁହ ଝରାଏ ଓ ଚିତ୍କାର କରେ । ସେମାନେ ବୁଝିସାରିଥିଲେ ଯେ, ଏହି ପରୀକ୍ଷାରୁ ଉତିର୍ଣ୍ଣ ହେବା ପରେ ଅଲ୍ଲାଃଙ୍କ ପ୍ରୀତିଭାଜନ ଓ ପୁରସ୍କାର ଲାଭ ହେବ” । ଆପଣ ଆ:ସ ଗୋଟିଏ ଫାର୍ଶୀ ପଦରେ ଏଠାରେ ବର୍ଣ୍ଣନା କରୁଛନ୍ତି କି- *ହର୍ ବଲା କିଁ କୌମେ ରାହକ୍ ଦାଦାଃ ଅସ୍‌ତ୍....ଜେରେ ଆଁ ଗଞ୍ଜ୍ କରମ୍ ବେନିହାଦାଃ ଅସ୍‌ତ୍ ।* ଅର୍ଥାତ୍ ଯାହାକିଛି ମଧ୍ୟ ପରୀକ୍ଷା ଖୁଦାତାଲାଙ୍କ ତରଫରୁ ଏ ଜାତି ଉପରେ ଆସିଛି ତା ପ୍ରତିବଦଳରେ ଖୁଦାଙ୍କ ଆଶୀର୍ବାଦର ଗୋଟିଏ ସମ୍ପତି ଲୁଚି ରହିଥାଏ ।

ପୁଣି ଆପଣ କୁହନ୍ତି ପବିତ୍ର କୋରାନ ସାହାବାମାନଙ୍କ ପ୍ରଶଂସାରେ ଭରି ରହିଛି, ତାହାକୁ ଖୋଲି ଦେଖନିଅ । ସାହାବାଙ୍କ ଜୀବନ ହଜରତ ମହମ୍ମଦ ସ.ଆଙ୍କ ସତ୍ୟବାଦୀ ହେବାର ବାସ୍ତବିକ ପ୍ରମାଣ ଥିଲା । ସାହାବା ଯେଉଁ ସ୍ଥାନରେ ପହଂଚିଥିଲେ ତାହାକୁ ପବିତ୍ର କୋରାନ ଏଭଳି ବ୍ୟାଖ୍ୟା କରିଅଛି **ମିନ୍‌ହୁମ୍ ମନ୍ କଜା ନହ୍‌ବହୁ ୱ ମିନ୍‌ହୁମ୍ ମଈଁ ୟନ୍‌ତୟିର୍** (ସୁରା ଅହ୍‌ଜାବ୍:୨୪) ଅର୍ଥାତ ସେମାନଙ୍କ ମଧ୍ୟରୁ କେତେକ ଶହିଦ୍ ହୋଇ ନିଜ ଅସଲ ଲକ୍ଷ ହାସଲ କରିନେଇଛନ୍ତି ଏବଂ ଆଉ କେତେକ ଏହି ପ୍ରତୀକ୍ଷାରେ ଅଛନ୍ତି କି ଶହିଦ୍ ହେବାର ସୌଭାଗ୍ୟ ଲାଭ କରିବେ । ସାହାବା ସଂସାର (ପ୍ରତି) ଢଳିପଡ଼ି ନଥିଲେ କି ଆମେ ଦିର୍ଘଜୀବି ହେଉ ଏବଂ ଆମର ଏଭଳି ଧନସମ୍ପତି, ଚିନ୍ତାଶୂନ୍ୟତା ଓ ସମସ୍ତ ବିଳାସ ବେଶନର ସାମଗ୍ରୀ ରହିଥାଉ” । ଆପଣ କୁହନ୍ତି ଯେତେବେଳେ “ମୁଁ ସାହାବାଙ୍କ ଏହି ନମୁନା ଦେଖିଥାଏ ସେତେବେଳେ ହଜୁର ସ.ଆଙ୍କ ଉତମ ପବିତ୍ରର ସର୍ବଶ୍ରେଷ୍ଠ ସ୍ତରର ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ କି କିଭଳି ଆପଣ ସେମାନଙ୍କର ଚରିତ୍ରକୁ ପଲଟାଇ ଦେଲେ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଆଧାତ୍ମିକ କରିଦେଲେ । **ଅଲ୍ଲାଃହୁମ୍ମା ସ୍ୱଲେଆଲା ମହମ୍ମଦିଉଁ ୱ ଆଲା ଅଲେ ମହମ୍ମଦିଉଁ ୱ ବାରିକ ୱ ସଲ୍ଲିମ୍** ।

ହଜୁର ଆ.ସ କୁହନ୍ତି- “ବର୍ତମାନ ଆମର କର୍ତବ୍ୟ କି ଆମେ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବାକୁ ଚେଷ୍ଟା କରିବା ଏବଂ ତାହାକୁ ନିଜର ଅସଲ ଉଦ୍ଦେଶ୍ୟ ମଣିବା । ଆମର ସମସ୍ତ ଚେଷ୍ଟା, ଶକ୍ତି ଓ ସାମର୍ଥ୍ୟ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହେବା ଉଚିତ୍ ତେଣିକି ସେଥିପାଇଁ ଯେଭଳି ଅସୁବିଧା ଓ କଷ୍ଟ ସହ୍ୟ କରିବାକୁ ପଡୁ ନା କାହିଁକି । ଏହି ପ୍ରତୀଭାଜନ ସଂସାର ଓ ତାହାର ସମସ୍ତ ପ୍ରକାର ଆନନ୍ଦ ଉଲ୍ଲାସଠାରୁ ବହୁ ଉର୍ଦ୍ଧ୍ୱରେ ଅଟେ” । (ମଲ୍‌ଫୁଜାତ୍ ଖଣ୍ଡ-୮, ପୃଷ୍ଠା-୮୨-୮୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଅଲ୍ଲାଃତାଲା ଆମକୁ ଏହି କର୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ନମାଜ ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ପଢ଼ାଇବି । ତାହା ହେଉଛି ମୋକରମ୍ ଅଲ୍‌ହାଜ୍ ଇସ୍‌ମାଇଲ୍ ବି.କେ ଆଡୁ ସାହେବ୍‌ଙ୍କର । ସେ ଘାନାର ଅହେମଦୀ ଥିଲେ । ୮୪ ବର୍ଷ ବୟସରେ ୮ ମାର୍ଚ୍ଚ ୨୦୧୮ ଦିନ ତାଙ୍କର ଦେହାନ୍ତ ହେଲା । ଇନ୍ନାଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ । ଆପଣ ଜନ୍ମିତ ଅହେମଦୀ ଥିଲେ । ଆପଣଙ୍କ ବାବାଙ୍କ ନାମ ଇସ୍‌ମାଇଲ୍ କ୍ୱାବେନା ଆଡୁ ଓ ମା’ଙ୍କ ନାମ ଜନ୍ନତ୍ ଆଡୁ ଥିଲା । ତାଙ୍କ ବାପା ପ୍ରଥମେ ଇସାଇ ଥିଲେ । ୧୯୨୮ ମସିହାରେ ସେ ବୟତ କରି ଜମାତ୍‌ରେ ସାମିଲ୍ ହେଲେ । ଇସ୍‌ମାଇଲ୍ ଆଡୁ ସାହେବ୍‌ଙ୍କ ମା’ଙ୍କର ଦେହାନ୍ତ ଛୋଟ ବୟସରେ ହୋଇଯାଇଥିଲା । ସେ ଟି.ଆଇ ଅହେମଦୀୟା ସ୍କୁଲ୍, କମାସିରୁ ସେକେଣ୍ଡାରି ସ୍କୁଲ୍‌ର ଶିକ୍ଷା ହାସଲ କରିଛନ୍ତି । ୧୯୬୪ ମସିହାରେ ଇଂରାଜୀରେ ବି.ଏ କଲେ । ତାପରେ ଟିଚର୍ ଟ୍ରେନିଂ କଲେଜ୍ ଘାନାରୁ ନିଜର ଶିକ୍ଷାକୁ ସମ୍ପୂର୍ଣ୍ଣ କଲେ ଓ ପୁଣି ବିଭିନ୍ନ ସ୍ଥାନରେ ଶିକ୍ଷକ ରୂପେ ନିୟୋଜିତ ହେଲେ । ୧୯୮୦ ମସିହା ପର୍ଯ୍ୟନ୍ତ ଆସିଷ୍ଟାଂଟ୍ ହେଡ୍ ଟିଚର୍ ରୂପେ କାର୍ଯ୍ୟ କଲେ । ସାଲଟ୍ ପାଣ୍ଡ୍ ସେଂଟ୍ରାଲ୍ ରିଜିଅନ୍‌ର ଗୋଟିଏ ସ୍କୁଲ୍‌କୁ ବଦଳି ହୋଇକରି ଗଲେ ଓ ସେଠାରେ ଇଂରାଜୀ ଭାଷାରେ ସ୍କୁଲ୍ ଟିଚର୍ ରହିଲେ । ଯେଉଁ ସ୍କୁଲ୍‌ରେ ରହୁଥିଲେ ସେଠିକାର ମୁସଲ୍‌ମାନ୍ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରୁଥିଲେ । ସେ ସେଠାରେ ମୁସଲ୍‌ମାନ୍ ଛାତ୍ରମାନଙ୍କ ପାଇଁ ମସ୍‌ଜିଦ୍ ମଧ୍ୟ ବନାଇଛନ୍ତି । ପୁଣି Nkrumah University of Science and Technology ରେ ଇଂରାଜୀ ଶିକ୍ଷକ ରୂପେ ନିୟୋଜିତ ହେଲେ । ପୁଣି ବିଭିନ୍ନ କଲେଜ୍‌ରେ ତାଙ୍କୁ ପାଠ ପଢ଼ାଇବାର ଅବସର ମିଳିଲା । ପୁଣି ସେ ଇଂରାଜୀ ପଢ଼ାଇବା ପାଇଁ ଗୋଟିଏ ପୁସ୍ତକ ମଧ୍ୟ ରଚନା କରିଛନ୍ତି, ଯାହା ଘାନା ଓ ନାଇଜେରିଆରେ ବହୁତ ପ୍ରସିଦ୍ଧିଲାଭ କରିଛି ଏବଂ ସେ ସବୁକୁ (ସ୍କୁଲ୍ ଓ କଲେଜ)ରେ ପଢ଼ାଯାଉଛି । ସରକାରଙ୍କ ତରଫରୁ ସେଥିଯୋଗୁ ତାଙ୍କୁ ସ୍କଲାର୍‌ସିପ୍ ମିଳିଛି ଓ ୟୁ.କେ ର University of Bangor walse ରେ ପଢ଼ିବା ପାଇଁ ତାଙ୍କୁ ପଠାଗଲା ଓ ୟୁ.କେ ରେ ଆସି ସେ ଇଂରାଜୀ ଭାଷାରେ ଡିପ୍ଲୋମା ହାସଲ କଲେ । ପୁଣି ତାଙ୍କର ଜମାତି ଖିଦ୍‌ମତ୍ (ସେବା) ଏପରି ଅଟେ କି ସେ ଘାନାରେ ବିଭିନ୍ନ ଜମାତି ଓ୍ୱହ୍‌ଦାରେ କାର୍ଯ୍ୟ କରିଛନ୍ତି । ୧୯୮୦ ମସିହାରେ ଘାନା ସରକାର ତାଙ୍କୁ Addis Ababa ଇଥୋପିଆ ନିମନ୍ତେ ରାଜଦୂତ ରୂପେ ଚୟନ କଲେ ଓ ସେହି ପଦବୀରେ ଥିଲେ କି UN ତାଙ୍କୁ ଚେୟାର୍‌ମ୍ୟାନ୍ OAU Liberation କମିଟି ରୂପେ ନିୟୋଜିତ କଲା । ସେଇଥିପାଇଁ ସେ ମୋଜମ୍ବିକ୍ ଏବଂ ଅଙ୍ଗୋଲା ରାଜ୍ୟକୁ ସ୍ୱାଧୀନ କରାଇବା ନିମନ୍ତେ ବିଶେଷ ଅବଦାନ ଦେଲେ । କିଛିଦିନ ପାଇଁ ସେ ଲିବିୟାରେ ମଧ୍ୟ ରାଜଦୂତ ରୂପେ ରହିଛନ୍ତି । ତାଙ୍କର ଏ ବିଶେଷତା ଥିଲା କି ସେ ଯେଉଁଠାକୁ ଯାଉଥିଲେ ସେଠାରେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଉଥିଲେ । ଓ ସେ ଏହିଗୁଣ ଦ୍ୱାରା ସର୍ବଦା ଚିହ୍ନିତ ହେଉଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ହିଜ୍‌ରତ୍ ପରେ ଅର୍ଥାତ୍ ହଜୁର୍‌ଙ୍କର ୟୁ.କେ ଆସିବା ପରେ ସେ ତାଙ୍କର ରାଜନୈତିକ କ୍ୟାରିୟର୍‌କୁ ବିଦାୟ ଦେଲେ ଓ ପୁଣି ଏଠାକୁ (ଲଣ୍ଡନ୍)ଆସିଗଲେ । ଯଦ୍ୱାରା ନିଜ ପିଲାମାନଙ୍କ ସହିତ ଖିଲାଫତ୍‌ର ନିକଟରେ ରହିପାରିବେ । ପୁଣି ଏଠାକୁ ଆସି ସେ ସ୍କୁଲ୍‌ରେ ଶିକ୍ଷକ ରୂପେ କାର୍ଯ୍ୟ କଲେ । ତାଙ୍କୁ ଖିଲାଫତ୍ ସହିତ, ପ୍ରତ୍ୟେକ ଖିଲାଫତ୍ ସହିତ ଏକ ବିଶେଷ ପ୍ରେମ ଥିଲା । ସେ ଅତ୍ୟନ୍ତ ପ୍ରେମ, ସ୍ନେହ ଓ ଆଜ୍ଞାବହତାର ନମୂନା ଦେଖାଇଛନ୍ତି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ସଲ୍‌ମାନ୍ ରୁଶ୍‌ଦିଙ୍କ ଖିଲାଫ୍‌ରେ ପୁସ୍ତକ ଲେଖିବା ପାଇଁ ଯେଉଁ ଗୋଟିଏ କମିଟି ବନାଇଥିଲେ ସେଥିରେ ତାକୁ ମଧ୍ୟ ମେମ୍ବର୍ କରାଯାଇଥିଲା । ତବ୍‌ଲିଗ୍ କ୍ଷେତ୍ରରେ ମଧ୍ୟ ତାଙ୍କର ବହୁତ ଅବଦାନ ଥିଲା । ସେ ବିଭିନ୍ନ ସ୍ଥାନରେ ତବ୍‌ଲିଗ୍ ଷ୍ଟଲ୍ ଲଗାଉଥିଲେ । ରେଡିଓରେ ତବ୍‌ଲିଗ୍ ପ୍ରୋଗ୍ରାମ୍ ଦେଉଥିଲେ । ବିଭିନ୍ନ ଜମାତି ମଜାଲିସ୍‌ରେ ପ୍ରଶ୍ନୋତରର ମଜଲିସ୍ ମଧ୍ୟ ଲଗାଉଥିଲେ ଏବଂ ସେହିପରି ୧୯୮୬ ମସିହାରେ ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ପ୍ୟାନ୍ ଆଫ୍ରିକାନ୍ ଅହେମଦୀୟ ମୁସ୍‌ଲିମ୍ ଆସୋସିଏସନ୍ କାଏମ୍ କଲେ ତ ତାର ପ୍ରଥମ ସଭାପତି ରୂପେ ତାଙ୍କୁ ନିୟୋଜିତ କଲେ । ଏଠିକାର ପେକ୍‌ହମ୍ ଜମାତ୍‌ର ସେ ପ୍ରଥମ ସଦର ମଧ୍ୟ ନିୟୋଜିତ ହୋଇଥିଲେ । ୧୯୯୪ ମସିହାରେ ଏମ୍.ଟି.ଏ ଆରମ୍ଭ ହେବା ପରେ ଉର୍ଦ୍ଦୁ କ୍ଲାସ୍‌ର ସେ ବିଶେଷ ଛାତ୍ରମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ସମୟରେ ସେ ଉର୍ଦ୍ଦୁ ଶିଖିବା ପାଇଁ ବହୁତ ପରିଶ୍ରମ କରୁଥିଲେ ଅର୍ଥାତ୍ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିଲେ । ଏବଂ ଉର୍ଦ୍ଦୁ କ୍ଲାସ୍‌ରେ ସେ ‘ବଡ଼ପିଲା’ ନାମରେ ପ୍ରସିଦ୍ଧ ଥିଲେ । ଲୋକମାନେ ତାଙ୍କୁ ଜାଣିଛନ୍ତି । ସେ ଘାନା ନିବାସୀ ଥିଲେ । ତାଙ୍କର ଦୁଇଜଣ ସ୍ତ୍ରୀ ଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ଦେହାନ୍ତ ସମୟରେ ଯେଉଁ ଖିଲାଫତ ଚୟନ କମିଟି ଥିଲା, ସେ ତାର ସଦସ୍ୟ ଥିଲେ । ୟୁ.କେ ରେ ଯେତେବେଳେ ଜାମିଆ ଆରମ୍ଭ ହେଲା ସେ କିଛି ଦିନ ଜାମିଆରେ ମଧ୍ୟ ଇଂରାଜୀ ପଢ଼ାଇଛନ୍ତି । ତାଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା । ତକ୍‌ୱା ଉପରେ ପରିଚାଳିତ, ବହୁତ ଉପାସନାକାରୀ, ଧୈର୍ଯ୍ୟବାନ୍, କୃତଜ୍ଞ, ନମ୍ର ହୃଦୟ ଓ ଅତ୍ୟନ୍ତ ସ୍ନେହି ବ୍ୟକ୍ତି ଥିଲେ । ଇବାଦତ୍ (ଉପାସନା) କରିବାରେ ମଧ୍ୟ ବହୁତ ଜୋସ୍ ଥିଲା । ତାଙ୍କ ଘରର ଲୋକମାନେ ବତାଉଛନ୍ତି କି ସେ ତହଜୁଦ୍ ନମାଜ୍ ନିୟମିତ ପଢୁଥିଲେ । ଯଦି ବେମାର୍ ହୋଇଯାଉଥିଲେ ତେବେ ମଧ୍ୟ ଛାଡୁ ନଥିଲେ । ପବିତ୍ର କୋରାନ୍‌ର ତିଲାୱତ୍ (ପାଠ) ବହୁତ ସୁନ୍ଦର ସ୍ୱରରେ ଓ ଦର୍ଦର ସହିତ କରୁଥିଲେ । ପବିତ୍ର କୋରାନ୍‌ର ବହୁତ ଆୟାତ୍ ତାଙ୍କର ମନେଥିଲା । ସେ ସେଗୁଡିକର ଅନୁବାଦ ଓ ବ୍ୟାଖ୍ୟା ମଧ୍ୟ ମନେରଖୁଥିଲେ । ଯଦ୍ୱାରା ତାହାସବୁ ଆଗକୁ ତବ୍‌ଲିଗ୍ କାମରେ ଆସିବ ଓ ତର୍‌ବିୟତ୍ କାମରେ ଲାଗିବ ବରଂ କିଛି ଘାନାର ଲୋକେ କହୁଛନ୍ତି କି ତାଙ୍କ ଘରେ ପବିତ୍ର କୋରାନ୍‌ର ଏପରି ପୁସ୍ତକ ଅଛି ଯେଉଁଥିରେ ଆଡୁ ସାହେବ୍‌ଙ୍କ ନିଜ ହାତ ଦ୍ୱାରା ଲେଖା ହୋଇଥିବା ନୋଟ୍ ମଧ୍ୟ ରହିଛି । ୨୦୦୫ ମସିହାରେ ତାଙ୍କୁ ତାଙ୍କର ଦୁଇଜଣ ସ୍ତ୍ରୀଙ୍କ ସହିତ ହଜ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ତାଙ୍କର ହସ ହସ ଚେହେରା ଥିଲା ଓ ବହୁତ ସାଧାସିଧା ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ମଗ୍‌ଫିରତ୍ ଏବଂ ରହେମ୍ (କରୁଣା)ର ବ୍ୟବହାର କରନ୍ତୁ । ତାଙ୍କର ଦଶଜଣ ପୁଅଝିଅ ଥିଲେ । ତିରିଶି ଜଣ ନାତି ନାତୁଣୀ ଥିଲେ । ଅଲ୍ଲାଃତାଲା ତାଙ୍କ ବଂଶକୁ ମଧ୍ୟ ପୁଣ୍ୟ ଓ ନିଷ୍ଠାରେ କାଏମ୍ ରଖନ୍ତୁ ଓ ଜମାତ୍ ସହିତ ସଂଲଗ୍ନ ରଖନ୍ତୁ । ଏବେ ନମାଜ୍ ପରେ ଯେପରିକି ମୁଁ କହିଲି ତାଙ୍କର ନମାଜ ଯନାଜାଃ ପଢ଼ାଇବି । ⌘⌘⌘⌘⌘⌘⌘⌘⌘⌘

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶରହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶରହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ସାହାବା କରାମ ରିଜୱାନୁଲ୍ଲାଃ ଆଲୈହିମ୍ ଅଜମଇନ୍ ହଜରତ ମହମ୍ମଦ ସ.ଆଙ୍କ ଉତମ ଚରିତ୍ରର ଜ୍ୱଳନ୍ତ ପ୍ରମାଣ ଅଟନ୍ତି, ବର୍ତମାନ କୌଣସି ବ୍ୟକ୍ତି ଯଦି ଉକ୍ତ ପ୍ରମାଣଗୁଡ଼ିକୁ ନଷ୍ଟ କରେ ତେବେ ସେ ହଜୁର ସ.ଆଙ୍କ ନବୁଓ୍ୱତ୍‌କୁ ନଷ୍ଟ କରିବାକୁ ଚାହୁଁଛି । ଅତଃ ସେହି ବ୍ୟକ୍ତି ହଜୁର ସ.ଆଙ୍କୁ ସଠିକ୍ ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରିଥାଏ ଯିଏ ଆପଣଙ୍କ ସାହାବାମାନଙ୍କର ମର୍ଯ୍ୟାଦାର ସମ୍ମାନ ରକ୍ଷା କରିଥାଏ ।

ସାହାବାମାନଙ୍କର ପବିତ୍ର ଗୋଷ୍ଠୀ ନିଜ (ପ୍ରିୟ) ନବୀଙ୍କ ଶରଣରୁ କଦାପି ଅଲଗା ରହୁନଥିଲେ ଏବଂ ତାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବାକୁ କଦାପି ପଛାଉନଥିଲେ ।

ସାହାବାମାନେ ହଜୁର ସ.ଆଙ୍କ ଆଜ୍ଞବହତା (ଅର୍ଥାତ୍ ହଜୁରଙ୍କ କଥା ମାନି ଚଳିବାରେ) ରେ ନିଜକୁ ଏଭଳି ଉତ୍ସର୍ଗ କରି ଦେଇଥିଲେ ଯେ, ସେଥିପାଇଁ ସେମାନେ ସମସ୍ତ ପ୍ରକାରର କଷ୍ଟ ଓ ଅସୁବିଧା ବରଦାସ୍ତ କରିବାକୁ (ସର୍ବଦା) ପ୍ରସ୍ତୁତ ରହୁଥିଲେ ।

ଏହାସବୁ ସାହାବା ରିଜୁଆନୁଲ୍ଲାଃ ଆଲୈହିମ୍‌ଙ୍କର ସେହି ମକାମ୍ (ପଦମର୍ଯ୍ୟାଦା) ଥିଲା ଯାହାକୁ ପ୍ରତ୍ୟେକ ଅହେମଦୀ ନିଜ ସମ୍ମୁଖରେ ରଖିବା ଉଚିତ୍ । ଆମେ ଯେବେ ସାହାବାଙ୍କ ଜୀବନ ଚରିତକୁ ପଢୁଛେ ଏବଂ ସେମାନଙ୍କର କାର୍ଯ୍ୟଶୈଳୀ ଓ ନମୁନା ବିଷୟରେ ଜ୍ଞାନ ଆହରଣ କରୁଛେ ତେବେ ଯାଇ ସେମାନଙ୍କର ଗୁରୁତ୍ୱପର୍ଣ୍ଣ ମୁକାମ୍ (ପଦମର୍ଯ୍ୟାଦା) ଆମ ସମ୍ମୁଖକୁ ଆସୁଅଛି । ସେଥିପ୍ରତି ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ ହେବା ଉଚିତ୍ କି ସେମାନଙ୍କର ନମୁନା, ଜୀବନଚରିତ, ତାଙ୍କର କାର୍ଯ୍ୟଶୈଳୀ, ତାଙ୍କର ଆଜ୍ଞାବହତା ଓ ସେମାନଙ୍କର ଉପାସନାର ସ୍ତର ଆମପାଇଁ ଦୃଷ୍ଟାନ୍ତ ଅଟେ । ଏବଂ ଆମେ ସେଗୁଡ଼ିକୁ ନିଜ ଜୀବନର ଅଂଶ ବନାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ କିଛି ସାହାବା ହଜ୍‌ରତ୍ ଅବୁ ଦଜ୍ଜାନା ଅନ୍‌ସାରୀ, ହଜ୍‌ରତ୍ ମହମ୍ମଦ୍ ବିନ୍ ମସ୍‌ଲମା, ହଜ୍‌ରତ୍ ଅବୁ ଅୟୁବ୍ ଅନ୍‌ସାରୀ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହା, ହଜ୍‌ରତ୍ ମାଆଜ୍ ଓ ହଜ୍‌ରତ୍ ମାଓ୍ୱିଜ୍ ରିଜ୍‌ୱାନୁଲ୍ଲାଃ ଆଲୈହିମ୍ ଅଜ୍‌ମଇନ୍‌ଙ୍କ ଉତମ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ମୋକରମ୍ ଅଲ୍‌ହାଜ୍ ଇସ୍‌ମାଇଲ୍ ବି.କେ ଆଡୁ ସାହେବ୍ ଅଫ୍ ଘାନାଙ୍କ ଦେହାନ୍ତ ଯିଏ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ଉର୍ଦ୍ଦୁ କ୍ଲାସ୍‌ରେ 'ବଡା ବଚ୍ଚା' (ବଡ଼ପିଲା) ନାମରେ ପ୍ରସିଦ୍ଧ ଥିଲେ ଓ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୬ ମାର୍ଚ୍ଚ୍ ୨୦୧୮ ଅନୁଯାୟୀ ୧୬ ଅମାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ ۔ بِسْمِ اللهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ଏକଦା ସାହାବା କରାମ ରିଜଓ୍ୱାନୁଲ୍ଲାଃ ଆଲୈହିମ୍‌ଙ୍କର ପଦମର୍ଯ୍ୟାଦା ସଂକ୍ରାନ୍ତରେ ଚର୍ଚ୍ଚା କରି କହିଲେ କି:- "ସାହାବା କରାମ ରିଜଓ୍ୱାନୁଲ୍ଲାଃ ଆଲୈହିମ୍ ଅଜମଇନ୍ ହଜରତ ମହମ୍ମଦ ସ.ଆଙ୍କ ଉତମ ଚରିତ୍ରର ଜ୍ୱଳନ୍ତ ପ୍ରମାଣ ଅଟନ୍ତି, ବର୍ତମାନ କୌଣସି ବ୍ୟକ୍ତି ଯଦି ଉକ୍ତ ପ୍ରମାଣଗୁଡ଼ିକୁ ନଷ୍ଟ କରେ ତେବେ ସେ ହଜୁର ସ.ଆଙ୍କ ନବୁଓ୍ୱତ୍‌କୁ ନଷ୍ଟ କରିବାକୁ ଚାହୁଁଛି । ଅତଃ ସେହି ବ୍ୟକ୍ତି ହଜୁର ସ.ଆଙ୍କୁ ସଠିକ୍ ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରିଥାଏ ଯିଏ ଆପଣଙ୍କ ସାହାବାମାନଙ୍କର ମର୍ଯ୍ୟାଦାର ସମ୍ମାନ ରକ୍ଷା କରିଥାଏ" । ପୁଣି କହିଲେ ଯିଏ ସାହାବାମାନଙ୍କୁ ସମ୍ମାନ ପ୍ରଦାନ କରୁନାହିଁ ସେ ହଜୁର ସ.ଆଙ୍କୁ କଦାପି ମଧ୍ୟ ସମ୍ମାନ ପ୍ରଦାନ କରୁନାହିଁ । ସେ ଯଦି ଏହା କହୁଛି କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମ କରୁଛି ବୋଲି ତେବେ ସେ ମିଛ କହୁଛି । କାରଣ ଏଭଳି କଦାପି ସମ୍ଭବ ନୁହେଁ କି ଜଣେ ହଜୁର ସ.ଆଙ୍କୁ ପ୍ରେମ କରିବାର ଘୋଷଣା କରି ସାହାବାଙ୍କୁ ନିଜର ଶତ୍ରୁ ମଣୁଥିବ" । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୨୭୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ହଜୁର ଆ.ସ କୁହନ୍ତି "ସାହାବାମାନଙ୍କର ପବିତ୍ର ଗୋଷ୍ଠୀ ନିଜ (ପ୍ରିୟ) ନବୀଙ୍କ ଶରଣରୁ କଦାପି ଅଲଗା ରହୁନଥିଲେ ଏବଂ ତାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବାକୁ କଦାପି ପଛାଉନଥିଲେ" ।

ଆପଣ ଆହୁରି କହିଛନ୍ତି କି "ସାହାବାମାନେ ହଜୁର ସ.ଆଙ୍କ ଆଜ୍ଞବହତା (ଅର୍ଥାତ୍ ହଜୁରଙ୍କ କଥା ମାନି ଚଳିବାରେ) ରେ ନିଜକୁ ଏଭଳି ଉତ୍ସର୍ଗ କରି ଦେଇଥିଲେ ଯେ, ସେଥିପାଇଁ ସେମାନେ ସମସ୍ତ ପ୍ରକାରର କଷ୍ଟ ଓ ଅସୁବିଧା ବରଦାସ୍ତ କରିବାକୁ (ସର୍ବଦା) ପ୍ରସ୍ତୁତ ରହୁଥିଲେ" । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୨୭୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅତଃ ସାହାବାମାନଙ୍କର ଏହି ପଦ ଓ ସ୍ତରକୁ ପ୍ରତ୍ୟେକ ଅହେମଦିଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଯେବେ ଆମ ସାହାବାଙ୍କ ଜୀବନ ଚରିତକୁ ପଢ଼ିଥାଉ ଓ ସେମାନଙ୍କ କାର୍ଯ୍ୟ ବିଷୟରେ ଜ୍ଞାନ ହାସଲ କରୁ ତେବେ ଯାଇ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ପଦମର୍ଯ୍ୟାଦା ଆମ ସମ୍ମୁଖକୁ ଆସିଥାଏ । ଏବଂ ସେମାନଙ୍କର ଯେଉଁ ପଦମର୍ଯ୍ୟାଦା ଅଛି ତାହା ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବା ଉଚିତ୍ ହେବ କି ସେମାନଙ୍କ ଜୀବନଚରିତ, ସେମାନଙ୍କର ଦୃଷ୍ଟାନ୍ତ, ସେମାନଙ୍କର କାର୍ଯ୍ୟଶୈଳୀ, ସେମାନଙ୍କର ଆଜ୍ଞାବହତା ଓ ସେମାନଙ୍କର ଉପାସନାର ସ୍ତର ଆମ ସମସ୍ତଙ୍କ ପାଇଁ ନମୁନା ଅଟେ । ସାହାବାଙ୍କ ଚରିତ୍ର ଆମମାନଙ୍କ ପାଇଁ ନମୁନା ଅଟେ ଏବଂ ସେଗୁଡ଼ିକୁ ଆମ୍ଭେ ନିଜ ଜୀବନରେ ସ୍ଥାନ ଦେବାକୁ ଚେଷ୍ଟା କରିବା ଉଚିତ୍ । ବର୍ତମାନ ମୁଁ କେତେଜଣ ସାହାବାଙ୍କର କିଛି ଘଟଣାବଳୀ ଚର୍ଚ୍ଚା କରିବି ।

ଜଣେ ସାହାବି ଅବୁ ଦଜାନା ଅନ୍‌ସାରୀ ର:ଅ ଯେ କି ମଦିନା ନିବାସୀ ଥିଲେ, ହଜରତ ମହମ୍ମଦ ସ.ଆଙ୍କ ମଦିନା ହିଜରତ୍ ପୂର୍ବରୁ ସେ ଇସଲାମ ସ୍ୱୀକାର କରିନେଇଥିଲେ । ସେ ବଦର ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇ ନିଜ ବିରତ୍ୱ ପ୍ରଦର୍ଶନ କରିଥିଲେ । ପୁଣି ଓ୍ୱହଦ ଯୁଦ୍ଧରେ ମଧ୍ୟ ସାମିଲ୍ ହେବାର ସେ ଗୌରବ ଅର୍ଜନ କରିଥିଲେ ଏବଂ ଯୁଦ୍ଧର ପରିଣାମ ଓଲଟିବା ପରେ ଯେଉଁ ସାହାବା ମାନେ ହଜୁର ସ.ଆଙ୍କ ନିକଟରେ ରହିଯାଇଥିଲେ ସେମାନଙ୍କ ମଧ୍ୟରେ ଉକ୍ତ ସାହାବା ଜଣକ ମଧ୍ୟ ଥିଲେ ଏବଂ ହଜୁର ସ.ଆଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଯାଇ ସେ ଅତ୍ୟନ୍ତ କ୍ଷତବିକ୍ଷତ ହୋଇଥିଲେ ତଥାପି ସେ ପଛଘୁଂଚା ଦେଇନଥିଲେ । (ସଇରୁସ୍ ସାହାବା, ଖଣ୍ଡ-୩, ପୃଷ୍ଠା-୨୦୭ ହଜ୍‌ରତ୍ ଅବୁ ଦଜ୍ଜାନା ଅନ୍‌ସାରି ର:, ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି ୨୦୦୪)

ଏ ଘଟଣାଟି ଏପରି ହେଉଛି ଏ ବିଷୟରେ ରିଓ୍ୱାୟତ୍‌ରେ ଆସୁଛି କି ଯେବେ ଆଁ ହଜ୍‌ରତ୍ ସ:ଆ:ସ ଥରେ ନିଜ ତରବାରିକୁ ଉପରକୁ ଉଠାଇ କହିଲେ କି କିଏ ଅଛି ଯେ ଆଜି ଏହି ତରବାରିର ହକ୍ ପ୍ରଦାନ କରିବ । ସେତେବେଳେ ହଜ୍‌ରତ୍ ଅବୁ ଦଜ୍ଜାନା ଅନ୍‌ସାରି ହିଁ ଆଗକୁ ବଢ଼ିଥିଲେ ଓ କହିଥିଲେ କି ମୁଁ ଏକଥାର ପ୍ରତିଶୃତି ଦେଉଛି କି ଏହି ତରବାରିର ହକ୍‌କୁ ମୁଁ ପ୍ରଦାନ କରିବି । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଏହି ଉତ୍ସାହକୁ ଦେଖି ନିଜର ତରବାରି ତାଙ୍କୁ ପ୍ରଦାନ କଲେ । ପୁଣି ସେ ପୁନର୍ବାର ସାହସ କରି ପଚାରିଲା କି ହେ ରସୁଲଲ୍ଲାଃ ! ଏହି ତରବାରିର ହକ୍ ପ୍ରଦାନ କିପରି ହେବ ? ଆପଣ ସ:ଆ:ସ କହିଲେ କି ଏହି ତରବାରିଟି କୌଣସି ମୁସଲ୍‌ମାନ୍‌ର ରକ୍ତକୁ ବୁହାଇବ ନାହିଁ । ଦ୍ୱିତୀୟତଃ ଏହାର ପ୍ରହାରରୁ କୌଣସି ଶତ୍ରୁ ବଂଚିକରି ଯାଇପାରିବ ନାହିଁ । (ସହି ମୁସ୍‌ଲିମ୍, କିତାବ୍ ଫଜାଏଲୁସ୍ ସାହାବା ବାବ୍ ମିନ୍ ଫଜ୍‌ଲେ ଅବୁ ଦଜ୍ଜାନା ର:ଅ..... ହଦିସ୍ ନଂ-୬୩୫୩)

ଅମାନ୍ୟକାରୀ ଶତ୍ରୁ, ଏପରି ଅମାନ୍ୟକାରୀ ଯେଉଁମାନେ ଶତ୍ରୁତା କରୁଛନ୍ତି, ଯେଉଁମାନେ ଇସ୍‌ଲାମ୍ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି, ଏହା ସେମାନଙ୍କ ବିରୁଦ୍ଧରେ ବ୍ୟବହାର କରିବା ଉଚିତ୍ । ସେ ଏହି ତରବାରିକୁ ନେଇ ବହୁତ ଗର୍ବ ଅନୁଭବ କରି ବହୁତ ଦର୍ପର ସହିତ ରଣକ୍ଷେତ୍ରକୁ ଆସିଲେ । ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଅଲ୍ଲାଃତାଲା ସାଧାରଣତଃ ଗର୍ବ ଓ ଏହିଭଳି ଦର୍ପର ପ୍ରକାଶକୁ ପସନ୍ଦ କରେନାହିଁ କିନ୍ତୁ ଆଜି ରଣକ୍ଷେତ୍ରରେ ଅବୁ ଦଜ୍ଜାନାଙ୍କର ଦର୍ପର ସହିତ ଚାଲିବାକୁ ଅଲ୍ଲାଃତାଲା ବହୁତ ପସନ୍ଦ କରିଛନ୍ତି । (ଅସଦୁଲ୍ ଗାବା ଖଣ୍ଡ-୬, ପୃଷ୍ଠା-୯୩

ଅବୁ ଦଜ୍ଜାନା ର:ଅ, ମୁଦ୍ରଣ-ଦାରୁଲ୍ କୁତୁବ୍ ଅଲ୍ଅଲ୍ମିଆ ବେରୁତ୍ ୧୯୯୬)

ୟମାମା ଯୁଦ୍ଧ ସମୟରେ ମୁସେଲମା କଜ୍ଜାବ ବିରୋଧରେ ଯୁଦ୍ଧ କରୁଥିବା ବେଳେ ସେ ଶହିଦ୍ ହେଲେ । ଶତ୍ରୁମାନେ ଦୁର୍ଗର ଦ୍ୱାର ବନ୍ଦ କରିଦେଇଥିଲେ କିନ୍ତୁ ସେ ଅତ୍ୟନ୍ତ ସାହସିକତାର ସହିତ ଦୁର୍ଗର ଦ୍ୱାର ଖୋଲିବା ନିମନ୍ତେ ଏକ ଯୋଜନା କଲେ ଏବଂ ନିଜ ସାଥିମାନଙ୍କୁ କହିଲେ ତୁମେ ମୋତେ ପାଚେରି ଉପର ଦେଇ ଭିତରକୁ ଫିଙ୍ଗିଦିଅ ଯାହାକି ବେଶ୍ ଉଚ୍ଚ ପାଚେରି ଥିଲା । ଏପରି ଉଚ୍ଚତାରୁ ଆପଣଙ୍କୁ ଫିଙ୍ଗିବା ଦ୍ୱାରା ଆପଣଙ୍କର ଗୋଡ଼ ଭାଙ୍ଗିଗଲା କିନ୍ତୁ ଏହା ସତ୍ୱେ ଅତ୍ୟନ୍ତ ବିରତାର ସହିତ ଲଢ଼ି ଦୁର୍ଗର ମୂଖ୍ୟଦ୍ୱାର ଖୋଲିଦେଲେ, ଯଦ୍ୱାରା ମୁସଲମାନମାନେ ଭିତରେ ପ୍ରବେଶ କରିଗଲେ ଏବଂ ଏପରି ବିରତ୍ୱର ସହ ଲଢ଼ି ସେ ଶହିଦ୍ ହେଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୫୫୧...ବେରୁତ୍ ୧୯୯୬)

ଏକଦା ସେ ରୋଗସର୍ଯ୍ୟା ସମୟରେ ନିଜ ସାଥିମାନଙ୍କୁ କହିଲେ ସମ୍ଭବତଃ ଅଲ୍ଲାଃତାଲା ମୋର ଦୁଇଗୋଟି ଅମଳ ସ୍ୱୀକାର କରିପାରନ୍ତି **ଗୋଟିଏ** ଏହି କି ଯେ, ମୁଁ କଦାପି ଖରାପ କଥା କହିନାହିଁ ଚୁଗୁଲି କରିନାହିଁ । **ଦ୍ୱିତୀୟ** କୌଣସି ମୁସଲମାନ ପ୍ରତି ମୋ ହୃଦୟରେ ଦ୍ୱେଷ ଓ ଈର୍ଷା ଭାବନା ନାହିଁ । (ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୪୨୦ ବାବ୍ ଅବୁ ଦଜ୍ଜାନା ର:ଅ...ବେରୁତ୍ ୧୯୯୦)

ପୁଣି ହଜରତ ମହମ୍ମଦ୍ ବିନ୍ ମସ୍‌ଲିମାଙ୍କ ସମ୍ବନ୍ଧରେ ଲେଖାଅଛି ଯେ ପ୍ରାରମ୍ଭିକ ଅନ୍‌ସାରମାନଙ୍କ ମଧ୍ୟରୁ ଥିଲେ । ସେ ଅତ୍ୟନ୍ତ ବୀର ଓ ନିର୍ଭୟ ବ୍ୟକ୍ତି ଥିଲେ, ଓ୍ୱହଦ ଯୁଦ୍ଧରେ ମହମ୍ମଦ ବିନ୍ ମସ୍‌ଲିମା ଅତ୍ୟନ୍ତ ଦୃଢ଼ତାର ସହିତ ହଜୁର ସ.ଆଙ୍କ ସହିତ ରହିଥିଲେ । ତାଙ୍କୁ ଯେଉଁ ଏକ ବିଶେଷ ଗୁଣ ହାସିଲ୍ ଥିଲା ତାହା ହେଉଛି ଏପରିକି ତାଙ୍କପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଟିଏ ପେଶ୍‌ଗୋଇ ଏପରି ପୁରଣ ହୋଇଛି କି ଏକଦା ହଜୁର ସ.ଆ ତାଙ୍କୁ ନିଜର ଖଣ୍ଡା ପ୍ରଦାନ କରି କହିଲେ ଯେପର୍ଯ୍ୟନ୍ତ ଅଣମୁସଲମାନମାନଙ୍କ ସହିତ ତୁମର ଯୁଦ୍ଧ ହେଉଥିବ ଏହି ଅସ୍ତ୍ର ଦ୍ୱାରା ତୁମେ ସେମାନଙ୍କର ମୁକାବିଲା କରିବ ଏବଂ ଯେତେବେଳେ ଏପରି ସମୟ ଆସିବ କି ମୁସଲମାନମାନେ ପରସ୍ପର ସହିତ ଲଢ଼ିବେ ତେବେ ସେହି ଖଣ୍ଡାକୁ ଭାଙ୍ଗି ଦେବ ଏବଂ ନିଜ ଘରେ ବସିଯିବ ଏପରିକି ତୁମ ଉପରେ କେହି ଆକ୍ରମଣ କରନ୍ତୁ କିମ୍ବା ତୁମର ମୃତ୍ୟୁ ହୋଇଯାଉ ।

ସେ ଏହି ଉପଦେଶ ଅକ୍ଷରେ ଅକ୍ଷରେ ପାଳନ କଲେ ଏବଂ ହଜରତ ଉସମାନ୍ ର.ଅଙ୍କ ଶହିଦ୍ ହେବାପରେ ସେ ସେହି ଖଣ୍ଡାକୁ ଭାଙ୍ଗିଦେଲେ ଏବଂ କାଠର ଏକ ଖଣ୍ଡା ତିଆରି କରି ନିଜ ତରବାରିର ମିଆନ୍ ଭିତରେ ତାକୁ ଲଟକାଇ ରଖୁଥିଲେ । କେହି ଜଣେ ପଚାରିଲା ଯେ ଏଥିରେ କଣ ଲାଭ ମିଳିବ ? ସେ କହିଲେ ଏହାଦ୍ୱାରା ରୋବ୍ (ଭୟ) କାଏମ୍ ରହିବ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ଉପରେ ଅମଳ ମଧ୍ୟ ହେବ ଏବଂ ମୁଁ ଏହି ଦୁଇଟି ଉପରେ ଅମଳ କଲି । ଅର୍ଥାତ୍ ଲୁହାର ତରବାରି ରଖିଲି ନାହିଁ ଓ ଏହା ବଦଳରେ ଥିବା କାଠର ତରବାରି କାହାକୁ କ୍ଷତି ପହଂଚାଇପାରିବ ନାହିଁ । କେତେକ ସାହାବା କୁହନ୍ତି କି ହଜରତ ଉସମାନ ର.ଅଙ୍କ ଶହିଦ୍ ହେବାପରେ ମୁସଲମାନମାନଙ୍କ ମଧ୍ୟରେ ଯେଉଁ ବିଭ୍ରାଟ ସୃଷ୍ଟି ହେଲା ତାହାର ପ୍ରଭାବ ଯଦି କାହା ଉପରେ ପଡ଼ିନଥିଲା ତେବେ ସେ ମହମ୍ମଦ ବିନ୍ ମସ୍‌ଲମା ଥିଲେ । ସେ ବିଭ୍ରାଟରୁ ରକ୍ଷା ପାଇବା ନିମନ୍ତେ ଜନଶୂନ୍ୟ ସ୍ଥାନରେ ଯାଇ ନିଜର ଡ଼େରା ଲଗାଇ ରହୁଥିଲେ ଓ ସେ କହୁଥିଲେ କି ଯେଉଁ ପର୍ଯ୍ୟନ୍ତ ଫିତ୍‌ନା ଟଳିନଯାଇଛି ମୁଁ ଏହିପରି ଜନଶୂନ୍ୟ ସ୍ଥାନରେ ଜୀବନ ବିତାଇବି (ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୩୮୩-୩୪୦, ବାବ୍ ମହମ୍ମଦ୍ ବିନ୍ ମସ୍‌ଲମା.... ବେରୁତ୍ ୧୯୯୦)

ସୁତରାଂ ସେମାନେ ଏପରି ଲୋକ ଥିଲେ ଯଦି ଯୁଦ୍ଧରେ ସେମାନେ ଯୋଗ ଦେଉଥିଲେ ତେବେ କେବଳ ଏଥିପାଇଁ କି ହଜୁର ସ.ଆଙ୍କ ଆଦେଶ ଥିଲା କି ଯେହେତୁ ଅଣମୁସଲମାନମାନେ ଇସଲାମର ମୂଳୋଉତ୍ପାଟନ କରିବାକୁ ଚାହୁଁଛନ୍ତି ତେଣୁ ସେମାନଙ୍କ ସହ ଯୁଦ୍ଧ କର । ଯେପର୍ଯ୍ୟନ୍ତ ମୁସଲମାନମାନେ ଏହି ଆଦେଶ ଉପରେ ପ୍ରତିଷ୍ଠିତ ରହିଲେ ସେମାନଙ୍କର ଶକ୍ତି ମଧ୍ୟ ଅପରିବର୍ତ୍ତିତ ରହିଥିଲା ଓ ସେମାନେ ବିଜୟ ଲାଭ କରିଚାଲିଥିଲେ କିନ୍ତୁ ଯେତେବେଳେ ପରସ୍ପର ମଧ୍ୟରେ କଳହ ଆରମ୍ଭ ହେଲା ଓ ମୁନାଫିକ୍ (ନିଜକୁ ମୁସଲ୍‌ମାନ୍ ବୋଲାଇ ଇସ୍‌ଲାମ୍ ବିରୋଧରେ କାର୍ଯ୍ୟ କରୁଥିବା ଲୋକେ) ମାନଙ୍କ କଥାରେ ପଡ଼ି ସେମାନେ ପରସ୍ପରର ଶିର କାଟିଲେ ସେତେବେଳେ ଯଦିଓ ସେମାନଙ୍କ ହାତରେ ପ୍ରଶାସନିକ କ୍ଷମତା ଥିଲା କିନ୍ତୁ ଏକତା ନଥିଲା ଏବଂ ଧିରେ ଧିରେ ହାତରୁ କ୍ଷମତା ମଧ୍ୟ ଚାଲିଗଲା । ଆଜି ଆମେ ଦେଖୁଅଛେ କି ମୁସଲମାନମାନଙ୍କ ମଧ୍ୟରେ ମତଭେଦ ଶିର୍ଷରେ ପହଂଚିଯାଇଛି । ହଜରତ ମହମ୍ମଦ ସ.ଆଙ୍କର ଆଉ ଏକ ଭବିଷ୍ୟବାଣୀ ମଧ୍ୟ ପୂରଣ ହୋଇଯାଇଛି କି ଅନ୍ଧକାର ଯୁଗପରେ ଯେତେବେଳେ ଆଲୋକର ସମୟ ଆସିବ ଅର୍ଥାତ ମସିହ ମଉଦଙ୍କର ସମୟ ତେବେ ତାଙ୍କୁ ସ୍ୱୀକାର କରିନେବ ଏବଂ ତାଙ୍କ ଜମାଅତ ସହ ଯୋଡ଼ି ହୋଇଯିବ କାରଣ ସେହିଥିରେ ହିଁ ବରକତ୍ ରହିଛି କିନ୍ତୁ ସେହି ଆଗମନକାରୀଙ୍କୁ ସ୍ୱୀକାର ନକରି ଏମାନେ ନିଜ ଦେଶରେ ହିଁ ପରସ୍ପରର ରକ୍ତ ବୁହାଉଛନ୍ତି ଏବଂ ଏହି କାରଣରୁ ଆଜି ଅଣମୁସଲମାନମାନେ ମୁସଲମାନମାନଙ୍କ ଉପରେ ଜାଣିଶୁଣି ରାଜୁତି କରୁଛନ୍ତି ।

ହଜ୍‌ରତ୍ ମହମ୍ମଦ୍ ବିନ୍ ମସ୍‌ଲମା ଅତ୍ୟନ୍ତ ବୁଦ୍ଧିମାନ୍ ଓ ଅତ୍ୟନ୍ତ ଆଜ୍ଞାନୁବର୍ତିତା ହେବାର ମଧ୍ୟ ଘଟଣା ବର୍ଣ୍ଣିତ ଅଛି । ସେଥିଯୋଗୁ ଖଲିଫାମାନେ ତାଙ୍କ ଉପରେ ବହୁତ ବିଶ୍ୱାସ କରୁଥିଲେ । ବିଶେଷ ରୂପେ ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କ ଦାୟିତ୍ୱରେ ବହୁତ ଗୁରୁତ୍ୱପୂର୍ଣ୍ଣ କାମ ଦେଇଥିଲେ । କିଛି ସୈନ୍ୟ ଅଭିଯାନର ଦାୟିତ୍ୱ ତାଙ୍କୁ ଦେଇଥିଲେ । ବେଳେବେଳେ ଉମ୍ମାଲ୍ (ଅଫିସର୍) ମାନଙ୍କର ଅଭିଯୋଗ ଆସୁଥିଲା ଅର୍ଥାତ୍ ନେଜାମ୍ ତରଫରୁ ଯେଉଁ ବିଭିନ୍ନ ଭାରପ୍ରାପ୍ତ ଅଧିକାରୀ ମାନେ ଥିଲେ, ସେମାନଙ୍କ ବିରୋଧରେ ଯେବେ ଅନ୍ୟ ଦେଶମାନଙ୍କରୁ ଓ ଅନ୍ୟ ସ୍ଥାନ ମାନଙ୍କରୁ ଅଭିଯୋଗ ଆସୁଥିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେଗୁଡିକର ତହ୍‌କିକ୍ (ଅନୁଧ୍ୟାନ) ପାଇଁ ମହମ୍ମଦ୍ ବିନ୍ ମସ୍‌ଲମାକୁ ପଠାଉଥିଲେ ।

(ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୪୭....ବେରୁତ୍ ୧୯୯୦)

ଇସଲାମର ପ୍ରାରମ୍ଭିକ ଯୁଗରେ ଜଣେ ଭାଗ୍ୟବାନ ସାହାବି ଥିଲେ ଅବୁ ଅୟୁବ୍ ଅନସାରୀ ଯାହାଙ୍କୁ ହଜରତ ମହମ୍ମଦ ସ.ଆଙ୍କୁ ମଦିନାରେ ଅତିଥି ସତ୍କାର କରିବାର ସୌଭାଗ୍ୟ ହାସଲ ହୋଇଥିଲା । ପ୍ରତ୍ୟେକ ବ୍ୟକ୍ତିଙ୍କର ଏ ଇଚ୍ଛା ଥିଲା କି ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କର ଘରେ ରୁହନ୍ତୁ ଏବଂ ଏକଥା ସେ ସମୟରେ ପ୍ରତ୍ୟେକ ବ୍ୟକ୍ତି ପ୍ରକାଶ କରୁଥିଲା ଏବଂ ଆପଣ ସ:ଆ:ସଙ୍କ ନିକଟରେ ନିବେଦନ କରୁଥିଲା କିନ୍ତୁ ଆପଣ ସ:ଆ:ସ କହିଲେ କି ମୋ ଓଟଟିକୁ ଖୋଲି ଛାଡ଼ିଦିଅ ଯେଉଁଠି ଅଲ୍ଲାଃତାଲାଙ୍କର ଇଚ୍ଛା ହେବ ସେ ସେଠାରେ ରହିଯିବ । ଅବୁ ଅୟୁବ୍ ଅନ୍‌ସାରିଙ୍କର ଏ ସୌଭାଗ୍ୟ ଯେ ଓଟଟି ଯାଇ ତାଙ୍କ ଘର ସମ୍ମୁଖରେ ରହିଲା । କିନ୍ତୁ ଲୋକମାନେ ଏଥିରେ ମଧ୍ୟ ସନ୍ତୋଷ ହେଲେନାହିଁ । ସେମାନେ କହିଲେ ଆମ ଘର ମଧ୍ୟ ପାଖରେ ଅଛି । ତେଣୁ ଆପଣ ସ:ଆ:ସ ଆମ ଘରେ ଯାଇ ରୁହନ୍ତୁ । ଏଥିରେ ଆପଣ ସ:ଆ:ସ ଗୋଳା ପକାଇଲେ । ଏହି ଗୋଳାରେ ମଧ୍ୟ ହଜ୍‌ରତ୍ ଅବୁ ଅୟୁବ୍ ଅନ୍‌ସାରୀଙ୍କ ନାମ ବାହାରିଲା । (ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଦ୍ ଖଣ୍ଡ-୧, ପୃଷ୍ଠା-୧୮୩, ଜିକ୍‌ର୍ ଖୁରୁଜେ ରସୁଲୁଲ୍ଲାଃ ସ:ଆ:ସ....ବେରୁତ୍ ୧୯୯୦) ।

ତାଙ୍କ ଘରେ ଆଁ ହଜ୍‌ରତ୍ ସ:ଆ:ସ କୟାମ୍ କଲେ । ତାଙ୍କର ଘର ଦୁଇମହଲା ବିଶିଷ୍ଟ ଥିଲା । ଉପର ମହଲାରେ ଅବୁ ଅୟୁବ୍ ଅନ୍‌ସାରୀ ରହୁଥିଲେ । ତଳ ମହଲାଟି ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ପେଶ୍ କରିଦେଇଥିଲେ । ସେଠି ରହିବାର ଗୋଟିଏ ଘଟଣା ହେଉଛି ଏପରିକି ଗୋଟିଏ ରାତିରେ ଉପର ମହଲାରେ ଥିବା ପାଣିର ଗୋଟିଏ ମାଠିଆ ଭାଙ୍ଗିଗଲା । ତାହା ମାଟି ପାତ୍ରରେ ଥିଲା । ଏବେ ମଧ୍ୟ ଅନେକ ଏସିଆ ଦେଶ ଗୁଡିକରେ, ଗରିବ ଦେଶ ଗୁଡିକରେ ପାକିସ୍ତାନ୍, ଆଫ୍ରିକା ଇତ୍ୟାଦି ଦେଶରେ ଏହିଭଳି ପାତ୍ରରେ ପାଣି ରଖାଯାଉଛି । ସେ ଯାହାହେଉ ଉକ୍ତ ପାତ୍ରଟି ଭାଙ୍ଗିଗଲା । ଅବୁ ଅୟୁବ୍ ଅନ୍‌ସାରୀ ଏବଂ ତାଙ୍କ ସ୍ତ୍ରୀ ରାତି ତମାମ୍ ନିଜ ଚାଦରଦ୍ୱାରା ସେହି ପାଣି ଗୁଡିକୁ ଶୁଖାଉଥିଲେ । ତା ପରଦିନ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ରାତିର ଉକ୍ତ ଘଟଣା ବିଷୟ ଶୁଣାଇଲେ । କହିଲେ କି ହଜୁର୍ ଆପଣ ଉପର ମହଲାରେ ରୁହନ୍ତୁ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଦରଖାସ୍ତ ଗ୍ରହଣ କରିନେଲେ । ଅତିଥି ରୂପେ ପାଖାପାଖି ୬/୭ ମାସ ରହିଥିଲେ । ଅତିଥି ସତ୍କାରର ମଧ୍ୟ ସେ ସମ୍ପୂର୍ଣ୍ଣ କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିଥିଲେ । ହଜୁର ସ.ଆଙ୍କ ନିକଟରୁ ଯେଉଁ ଖାଦ୍ୟ ବଳି ଫେରିଆସେ ତାହାକୁ ସେ ସେବନ କରୁଥିଲେ । ଲେଖାଅଛି କି ଖାଦ୍ୟର ଯେଉଁ ଅଂଶରେ ହଜୁର ସ.ଆଙ୍କ ଆଙ୍ଗୁଳି ଚିହ୍ନ ରହିଥାଏ ସେ ସେହିଠାରୁ ହିଁ ଖାଉଥିଲେ । ଦିନେ ସେ ଦେଖିଲେ କି ଖାଦ୍ୟରେ ଆପଣ ସ:ଆ:ସଙ୍କର ଅଙ୍ଗୁଳି ଚିହ୍ନ ନାହିଁ । ଏପରି ଲାଗୁଥିଲା ଯେପରି ଖାଦ୍ୟ ଖିଆଯାଇନାହିଁ । ତେଣୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ହାଜିର୍ ହୋଇ କହିଲେ କି ହଜୁର୍ କଣ ଆପଣ ଆଜି ଖାଦ୍ୟ ଖାଇନାହାଁନ୍ତି ? ଏଥିରେ ହଜୁର୍ ସ:ଆ:ସ କହିଲେ କି ମୁଁ ଯେତେବେଳେ ଖାଦ୍ୟ ଖାଇବାକୁ ଲାଗିଲି ସେତେବେଳେ ମୁଁ ଦେଖିପାରିଲି କି ସେଥିରେ ପିଆଜ ଓ ରସୁଣ ପଡ଼ିଛି । ଯେହେତୁ ମୋତେ ଏହା ପସନ୍ଦ ନାହିଁ ସେଥିଯୋଗୁ ମୁଁ ଖାଇଲି ନାହିଁ । ହଜ୍‌ରତ୍ ଅବୁ ଅୟୁବ୍ ଅନ୍‌ସାରି ଏଥିରେ କହିଲେ କି ଯାହାକୁ ହଜୁର୍ ସ:ଆ:ସ ପସନ୍ଦ କରନ୍ତି ନାହିଁ ମୁଁ ମଧ୍ୟ ତାକୁ ପସନ୍ଦ କରିବି ନାହିଁ ଓ ଆସନ୍ତାକୁ ଏହି ଦୁଇଟି ଜିନିଷ ଖାଇବି ନାହିଁ । ପ୍ରେମ ଓ ଭଲପାଇବାର ଏସବୁ ଅଦଭୁତପୂର୍ଣ୍ଣ କାହାଣୀ ଅଟେ । (ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୭, ପୃଷ୍ଠା-୭୮୧, ହଦିସ୍-୨୩୯୬୬, ଅବୁ ଅୟୁବ୍ ଅନ୍‌ସାରି ର:ଅ, ମୁଦ୍ରଣ ଆଲିମୁଲ୍ କୁତୁବ୍ ବେରୁତ୍)

ହଜରତ ଅବୁ ଅୟୁବ୍ ଅନସାରୀ ପ୍ରତ୍ୟେକ ଲଢେଇରେ ଯୋଗ ଦେଇଛନ୍ତି । ଖୈବର୍ ଯୁଦ୍ଧରେ ଯେତେବେଳେ ୟହୁଦିମାନଙ୍କ ସରଦାରଙ୍କୁ ହତ୍ୟା କରାଗଲା ଏବଂ ହଜୁର ସ.ଆଙ୍କ ସହ ତାଙ୍କ କନ୍ୟାର ବିବାହ ସମ୍ପନ୍ନ ହେବା ପରଦିନ ଯେତେବେଳେ ହଜୁର ସ.ଆ ଫଜର୍ ନମାଜ ପାଠ କରିବା ନିମନ୍ତେ ବାହାରକୁ ଆସିଲେ ସେତେବେଳେ ଅବୁ ଅୟୁବ୍ ଅନସାରୀଙ୍କୁ ପହରା ଦେବାର ଦେଖିଲେ । ହଜୁର ତାଙ୍କୁ ପଚାରିଲେ ତୁମେ ପହରା କାହା ପାଇଁ ଦେଉଅଛ ସେ ଉତର ଦେଲେ ହଜୁର ସଫିଆଙ୍କ ସମ୍ପର୍କୀୟମାନଙ୍କୁ ଆମ ହାତରୁ କ୍ଷତି ପହଂଚିଛି । ମୁଁ ହୃଦୟଙ୍ଗମ କଲି କି ଯେପରି ସେମାନଙ୍କ ମଧ୍ୟରୁ କେହି ଆସି ପ୍ରତିଶୋଧ ନେବାକୁ ଚେଷ୍ଟା ନକରୁ । ତେଣୁ ମୁଁ ପହରା ଦେବାକୁ ଆସିଗଲି । ଏଥିରେ ହଜୁର ସ.ଆ ତାଙ୍କୁ ଏଭଳି ଦୁଆ ଦେଲେ କି ହେ ଅଲ୍ଲାଃ ! ଅବୁ ଅୟୁବ୍‌ଙ୍କୁ ସର୍ବଦା ନିଜ ସୁରକ୍ଷାରେ ରଖ ଯେଭଳି ମୋ ସୁରକ୍ଷା ନିମନ୍ତେ ସେ ସମ୍ପୂର୍ଣ୍ଣ ରାତି ମୁତୟନ ରହୁଛନ୍ତି ।

ହଜ୍‌ରତ୍ ଅବୁ ଅୟୁବ୍ ରୋମ୍ ଯୁଦ୍ଧରେ ମଧ୍ୟ ସାମିଲ୍ ଥିଲେ । ଆପଣ ସେତେବେଳେ ବୁଢ଼ା ହୋଇଯାଇଥିଲେ । କିନ୍ତୁ କେବଳ ଏଥିପାଇଁ ସାମିଲ୍ ହେଲେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ କୁସ୍‌ତୁନ୍‌ତୁନିଆ ସମ୍ବନ୍ଧରେ ଯେଉଁ ଭବିଷ୍ୟବାଣୀ କରିଥିଲେ ତାହାକୁ ଆପଣ ଦେଖିପାରିବେ । ସେ ଯାହାହେଉ ଏ ସମୟରେ ସେ ବେମାର ମଧ୍ୟ ହୋଇଗଲେ । ଯେତେବେଳେ ତାଙ୍କଠାରୁ ତାଙ୍କର ଶେଷଇଚ୍ଛା ସମ୍ବନ୍ଧରେ ପଚରାଗଲା ସେ କହିଲେ କି ସମସ୍ତ ମୁସଲ୍‌ମାନ୍ ମାନଙ୍କୁ ମୋର ସଲାମ୍ କହିବ ଓ ମୋର ମୃତ ଶରୀରକୁ ଶତ୍ରୁମାନଙ୍କ ଇଲାକା ଭିତରକୁ ନେଇ ଯେତେ ଦୂର ପର୍ଯ୍ୟନ୍ତ ଚାହିଁବ ସେ ପର୍ଯ୍ୟନ୍ତ ନେଇ କବର ଦେବ । ସୁତରାଂ ତାଙ୍କ ମୃତ୍ୟୁପରେ ରାତି ସମୟରେ ତାଙ୍କର ମୃତ ଶରୀରକୁ ଶତ୍ରୁଙ୍କ ଭୂମି ଭିତରକୁ ନିଆଗଲା ଓ ସେଠାରେ ତାଙ୍କୁ କବର ଦିଆଗଲା । ତାଙ୍କ କବର ଆଜି ମଧ୍ୟ ତୁର୍କିରେ ଅଛି ଓ ଦେଖିବା ବାଲା କହୁଛନ୍ତି, କିଛି ରିଓ୍ୱାୟତ୍ ଏପରି ମଧ୍ୟ ଅଛିକି ଲୋକମାନେ କିଛି ବିଦ୍‌ଅତ୍ ରିଓ୍ୱାୟତ୍ ମଧ୍ୟ ତିଆରି କରିଯାଇଛନ୍ତି କି ତାଙ୍କଠାରୁ ମାଗୁଛନ୍ତି । ପ୍ରକୃତରେ ତାଙ୍କଠାରୁ କିଛି ମାଗୁନାହାଁନ୍ତି କିନ୍ତୁ ଯେଉଁ ଦୁଆ ତାଙ୍କ କବର ପାଖରେ କରୁଛନ୍ତି ତାହା କବୁଲ୍ (ଗ୍ରହଣ)ହେଉଛି । (ଅସ୍‌ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୬୫...ବେରୁତ୍ ୨୦୦୨) । ସେ ଯାହାହେଉ, କିଛି ଏଭଳି କାହାଣୀ ମଧ୍ୟ ସୃଷ୍ଟି ହୋଇଯାଏ । **ହଜୁର ସ.ଆ ତାଙ୍କର ସୁରକ୍ଷା ନିମନ୍ତେ ଯେଉଁ ଦୁଆ କରିଥିଲେ ତାହାର ପରିଣାମ ଏପରି ପ୍ରକାଶ ପାଇଲା କି ସେ ଅନେକ**

**ଯୁଦ୍ଧରେ ସାମିଲ୍ ହେଲେ ଏବଂ ପ୍ରତ୍ୟେକ ସ୍ଥଳରୁ ବିଜୟର ଟିକା ଲଗାଇ ଫେରୁଥିଲେ । ସେ ବେଶ୍ ଦିର୍ଘ ଦିନ ଜୀବିତ ରହିଲେ ।** ହଜରତ ମହମ୍ମଦ ସ.ଆଙ୍କର ଜଣେ ସାହାବା ଥିଲେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ଯେ ଆରବର ପ୍ରସିଦ୍ଧ କବି ମଧ୍ୟ ଥିଲେ ଏବଂ **ଶାୟରେ ରସୁଲ୍** ନାମରେ ଖ୍ୟାତି ଅର୍ଜନ କରିଥିଲେ । (ସିରତୁ ସାହାବା ଖଣ୍ଡ-୩, ପୃଷ୍ଠା-୪୦୯, ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି ୨୦୦୪)

ବଦର ଯୁଦ୍ଧ ଶେଷ ହେବା ପରେ ବିଜୟର ଖବର ମଦିନାରେ ଆପଣ ପହଂଚାଇଥିଲେ । (ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୩୯୮ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ...ବେରୁତ୍ ୧୯୯୦)

ହଜ୍ରତ୍ ଅବ୍ଦୁଲା ବିନ୍ ରୱାହାଙ୍କ ଆଁ ହଜ୍ରତ୍ ସ:ଆ:ସଙ୍କ ନିମନ୍ତେ ଥିବା ଶ୍ରଦ୍ଧା, ପ୍ରେମ ଓ ସ୍ୱାଭିମାନ୍ ବିଷୟରେ ମଧ୍ୟ ବହୁତ ଘଟଣା ରହିଛି । ଗୋଟିଏ ସ୍ଥାନରେ ଏଭଳି ମିଳୁଛି କି ଉର୍ୱା ରିୱାୟତ୍ କରୁଛନ୍ତି କି ହଜ୍ରତ୍ ଉସାମା ବିନ୍ ଜୟେଦ୍ ତାଙ୍କୁ ବତାଇଲେ କି ନବୀ କରିମ୍ ସ:ଆ:ସ ଗୋଟିଏ ଗଧ ପିଠିରେ ବସିଲେ, ଯାହା ଉପରେ ଗଦି ପଡ଼ିଥିଲା । ଓ ତା ତଳେ ଫିଦକ୍ ଇଲାକାର ଚାଦର ମଧ୍ୟ ଥିଲା । ଆପଣ ସ:ଆ:ସ ନିଜ ପଛରେ ଉସାମାକୁ ବସାଇଥିଲେ । ଆପଣ ସ:ଆ:ସ ହଜ୍ରତ୍ ସାଦ୍ ବିନ୍ ଅବାଦାଙ୍କୁ ଦେଖିବା ପାଇଁ ବନୁ ହାରିସ୍ ବିନ୍ ଖଜ୍ରଜ୍ କବିଲାକୁ ଗଲେ । ଏହା ବଦର୍ ଯୁଦ୍ଧ ଘଟଣାର ପୂର୍ବର କଥା ।

ହଜରତ ଉରୱା କୁହନ୍ତି ହଜୁର ସ.ଆ ଏକ ସଭା ଦେଇ ଅତିକ୍ରମ କରୁଥିଲେ ଯେଉଁଠାରେ ମୁସଲମାନ, ୟହୁଦି ଓ ଅମାନ୍ୟକାରୀମାନେ ବସିଥିଲେ । ତାଙ୍କ ଭିତରେ ଅବ୍ଦୁଲ୍ଲାଃ ବିନ୍ ଉବୟେ ମଧ୍ୟ ଥିଲେ ଓ ଉକ୍ତ ସଭାରେ ଅବଦୁଲ୍ଲାଃ ବିନ୍ ରୱାହ୍ ମଧ୍ୟ ଉପସ୍ଥିତ ଥିଲେ । ଯେତେବେଳେ ହଜୁର ସ.ଆ ଉକ୍ତ ବୈଠକର ନିକଟବର୍ତୀ ହେଲେ ଘୋଡ଼ାର ଚାଲିବା ଯୋଗୁଁ କିଛି ମାତ୍ରାରେ ଧୂଳି ଉଡ଼ିଲା ଅବଦୁଲ୍ଲାଃ ବିନ୍ ଅବି ନିଜ ଚାଦରରେ ନାକ ଘୋଡ଼େଇ ଦେଲେ ଏବଂ କହିଲେ ଆମ ଉପରେ ଧୂଳି ପକାଅ ନାହିଁ । ହଜୁର ସ.ଆ ତାଙ୍କୁ ଅସ୍ସଲାମୋ ଆଲୈକୁମ୍ କହିଲେ ଏବଂ ସେମାନଙ୍କୁ ଅଲ୍ଲାଃ (ମାର୍ଗକୁ) ଡ଼ାକିଲେ ଓ ପବିତ୍ର କୋରାନ ପାଠ କଲେ । ଅବଦୁଲ୍ଲାଃ ବିନ୍ ଅବି କହିଲେ ଏହା ଭଲ କଥା ନୁହେଁ, ଯାହା ତୁମେ କହୁଅଛ ଯଦି ତାହା ସତ୍ୟ ଅଟେ ତେବେ ମଧ୍ୟ ଆମ ବୈଠକରେ ଆମକୁ ଏଭଳି କଷ୍ଟ ଦିଅ ନାହିଁ । ନିଜ ଘରକୁ ଫେରିଯାଅ ଏବଂ ଯେ ତୁମ ନିକଟକୁ ଆସୁଅଛି ତାହାକୁ ନିଜର ସନ୍ଦେଶ ଦିଅ । ଏଥିରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ଯିଏ ସେଠାରେ ବସିଥିଲେ, ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ଆମ ବୈଠକକୁ ଆସନ୍ତୁ, ଆପଣଙ୍କର ଆସିବାକୁ ଆମେ ପସନ୍ଦ କୁରୁଛୁ । **ଏହା ସେହି ସ୍ୱାଭିମାନ ଓ ପ୍ରେମର ଅବାଂଛିତ ପ୍ରକାଶ ଥିଲା ଯାହାକି ଅବଦୁଲ୍ଲାଃ ବିନ୍ ରୱାହ୍ ପ୍ରଦର୍ଶନ କରିଥିଲେ ଏବଂ ସେହି ସରଦାର ଓ ସଂସାରପ୍ରେମୀମାନଙ୍କର କୌଣସି ଖାତିର୍ କରିନଥିଲେ ।**

ହଜରତ ଇବନେ ଅବ୍ବାସଙ୍କ ଠାରୁ ବର୍ଣ୍ଣିତ ହଜୁର ସ.ଆ ଏକ ଯୁଦ୍ଧରେ ସାହାବାମାନଙ୍କୁ ପ୍ରେରଣ କଲେ ଯେଉଁମାନଙ୍କ ମଧ୍ୟରେ ଅବଦୁଲ୍ଲାଃ ବିନ୍ ରୱାହ୍ ମଧ୍ୟ ଥିଲେ । ଦଳର ସମସ୍ତ ସଦସ୍ୟ ସକାଳୁ ବାହାରିଗଲେ କିନ୍ତୁ ସେଦିନ ଜୁମା ଥିବାରୁ ସେ ଚିନ୍ତା କଲେ କି ହଜୁର ସ.ଆଙ୍କ ସହିତ ନମାଜ ଜୁମା ପାଠ କରିବା ପରେ ଯାଇ ଦଳରେ ସାମିଲ୍ ହୋଇଯିବି । ନମାଜ ପରେ ହଜୁର ତାଙ୍କୁ ମସଜିଦ୍ରେ ଦେଖିବାରୁ, ପଚାରିଲେ ତୁମେ କେଉଁ କାରଣରୁ ନିଜ ସାଥିମାନଙ୍କ ସାଙ୍ଗରେ ଯିବାରୁ ନିବୃତ ରହିଲ । ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ୍! ମୋର ପ୍ରବଳ ଆଗ୍ରହ ଥିଲା କି ମୁଁ ଆପଣଙ୍କ ସହିତ ନମାଜ ଜୁମା ପାଠ କରି ବାହାରିଯିବି ଏବଂ ସେମାନଙ୍କ ସହ ମିଳିତ ହୋଇଯିବି । ହଜରତ ମହମ୍ମଦ ସ.ଆ କହିଲେ- **ଭୂପୃଷ୍ଟରେ ଯାହା କିଛି ଅଛି ଯଦି ତୁମେ ସେସବୁକିଛି ଖର୍ଚ୍ଚ କରିଦିଅ ତେବେ ଯେଉଁମାନେ ଆଦେଶ ଶୁଣି ସକାଳୁ ବାହାରିଯାଇ ପୁଣ୍ୟ ଅର୍ଜନ କରିଛନ୍ତି ତୁମେ ତାହା କଦାପି ଲାଭ କରିପାରିବ ନାହିଁ ।** (ସୁନନେ ତିରିମିଜି, ଅବୁୱାବୁଲ୍ ଜୁମା ବାବ୍ ମା ଜାଆ ଫି ସଫ୍ରେ ୟୋମୁଲ୍ ଜୁମା ହଦିସ୍ ନଂ-୫୨୭) । ବର୍ଣ୍ଣିତ ଅଛି ଏହାପରେ ଯଦି କୌଣସି ଯୁଦ୍ଧ କିମ୍ବା ଦଳରେ ଯିବାକୁ ପଡ଼ିଲେ ଅବଦୁଲ୍ଲାଃ ବିନ୍ ରୱାହ୍ ସର୍ବପ୍ରଥମେ ଦଳରେ ସାମିଲ୍ ହେଉଥିଲେ ଏବଂ ସର୍ବଶେଷରେ ମଦିନା ଫେରୁଥିଲେ । (ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୨୩୬ ଅବ୍ଦୁଲାବିନ୍ ରୱାହାର....ବେରୁତ୍ ୧୯୯୬)

ହଜରତ ଉରୱା ବିନ୍ ଜୁବେର୍ ବର୍ଣ୍ଣନା କରିଛନ୍ତି ହଜରତ ମହମ୍ମଦ ସ.ଆ ମୌତା ଯୁଦ୍ଧରେ ହଜରତ ଜୈଦ୍ ବିନ୍ ହାରସାଃଙ୍କୁ ସେନାମୁଖ୍ୟ କରି ପ୍ରେରଣ କଲେ ଏବଂ କହିଲେ ଯଦି ତୁମେ ଶହିଦ୍ ହୋଇଯାଅ ତେବେ ଜାଫର୍ ବିନ୍ ଅବି ତାଲିବ୍ ସେନାମୁଖ୍ୟ ହେବେ ଯଦି ସେ ମଧ୍ୟ ଶହିଦ୍ ହୋଇଯାନ୍ତି ତେବେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ଉକ୍ତ ଭାର ବହନ କରିବେ । ଯଦି ସେ ମଧ୍ୟ ଶହିଦ୍ ହୋଇଯାନ୍ତି ତେବେ ମୁସଲମାନମାନେ ଯାହାକୁ ପସନ୍ଦ କରନ୍ତି ନିଜର ସରଦାର କରିନେବେ । ଯେତେବେଳେ ଏହି ଦଳକୁ ବିଦାୟ ନେବାର ସମୟ ଆସିଲା ଅବଦୁଲ୍ଲାଃ ବିନ୍ ରୱାହ୍ କାନ୍ଦିବା ଆରମ୍ଭ କରିଦେଲେ, ଲୋକେ ପଚାରିଲେ ଅବଦୁଲ୍ଲାଃ କାହିଁ କାନ୍ଦୁଛ । ସେ କହିଲେ ଅଲ୍ଲାଃଙ୍କ ରାଣ ମୋର ସଂସାର ପ୍ରତି କଦାପି କୌଣସି ମୋହ କିମ୍ବା ଲାଳସା ନାହିଁ କିନ୍ତୁ ମୁଁ ଏହି ପକ୍ତିଂ **ୱ ଇନ୍‌ମିନ୍‌କୁମ୍ ଇଲ୍ଲା ୱାରିଦୁହା କାନା ଅଲା ରବ୍‌ବିକା ହତ୍‌ମମ୍ ମକ୍‌ୟିୟା** ସମ୍ବନ୍ଧରେ ହଜୁର ସ.ଆଙ୍କଠାରୁ ଶୁଣିଛି କି ପ୍ରତ୍ୟେକ ବ୍ୟକ୍ତିକୁ ନିଶ୍ଚିତ ରୂପେ ଅଗ୍ନିର ସମ୍ମୁଖୀନ ହେବାକୁ ପଡ଼ିବ । ଅତଃ ମୁଁ ଜାଣି ନାହିଁ କି ପୁଲେ ସିରାତ୍ (ସିଧାପୋଲ) ଉପରେ ଚଢି ପାର ହେବା ପରେ ମୋର ଅବସ୍ଥା କ'ଣ ହେବ । (ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୨୩୭ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୧୯୯୬)

ଏହି ଈଶ୍ୱର ଭୟାଳୁମାନଙ୍କର ଉତମ ପରିଣତି ସମ୍ବନ୍ଧରେ ହଜୁର ସ.ଆ ସୁସମ୍ବାଦ ଦେଇସାରିଥିଲେ । ହଜୁର ସ.ଆ ମୌତା ଯୁଦ୍ଧର ସେନାଧକ୍ଷଙ୍କ ସମ୍ବନ୍ଧରେ କହିଥିଲେ କି ମୁଁ ତାଙ୍କୁ ବୈକୁଣ୍ଠରେ ସୁନାର ସିହାଂସନରେ ବିରାଜିତ ଥିବାର ଦେଖିଅଛି । (ଅସଦୁଲ ଗାବା ଖଣ୍ଡ-୩, ପୃଷ୍ଠା-୨୩୮ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୧୯୯୬)

ସୁତରାଂ ଏ ଲୋକମାନେ ନିଜର ଇଚ୍ଛାକୁ ପୁରଣ କଲେ । ତାଙ୍କର ଶହିଦ୍ ହେବାର ମନସ୍କାମନାକୁ ସେ ଗୋଟିଏ ପଦରେ ଏପରି ବର୍ଣ୍ଣନା କରୁଛନ୍ତି, ଯାହାର ଅନୁବାଦ ହେଉଛି କି ଏପରି ତୀର ଓ ବର୍ଚ୍ଛା ମୋ ଉପରେ ବରଷୁ ଯେଉଁଗୁଡ଼ିକ ମୋ ଅନ୍ତପାର ହୋଇ କଲିଜାକୁ ମଧ୍ୟ ଅତିକ୍ରମ କରିଯିବ । ଏବଂ ଖୁଦାତାଲାଙ୍କ ନିକଟରେ ମୋ ଶହିଦ୍ ହେବା ଗ୍ରହଣୀୟ ହୋଇଯିବ ଓ ଯେବେ ଲୋକମାନେ ମୋ କବର୍ ଦେଇ ଯିବେ ସେତେବେଳେ ଏହା କହିବେ କି ଖୁଦା ତାଙ୍କୁ ଭଲରେ ରଖନ୍ତୁ । ସେ କେଡେ ମହାନ୍ ଯୋଦ୍ଧା ଥିଲେ । ମୌତା ଯୁଦ୍ଧରେ ସେ ଶହିଦ୍ ହୋଇଥିଲେ । ଏହାର ବର୍ଣ୍ଣନା କିଛି ଏପରି ଅଛି କି ମୌତାରେ ପହଂଚି ଜାଣିବାକୁ ପାଇଲେ ଯେ ଗସ୍ସାନିମାନେ ମୁସଲ୍‌ମାନଙ୍କ ବିରୋଧରେ ରୋମ୍‌ର ସମ୍ରାଟ୍ ହିର୍‌କଲ୍‌ଙ୍କ ଠାରୁ ସାହାଯ୍ୟ ମାଗିଛନ୍ତି ଓ ସେ ଦୁଇଲକ୍ଷ ସେନା ମୁସଲ୍‌ମାନଙ୍କ ମୁକାବିଲା ପାଇଁ ପଠାଇଛନ୍ତି । ଏ ଅବସରରେ ମୁସଲ୍‌ମାନ୍ ସେନାଧକ୍ଷମାନେ ନିଜ ଭିତରେ ବିଚାର କଲେ କି ଆଁ ହଜ୍ରତ୍ ସ:ଆ:ସଙ୍କ ନିକଟକୁ ଏ ବାର୍ତା ପହଂଚାଇବା ଉଚିତ୍ ହେବ କି ଶତୃପକ୍ଷଙ୍କ ସଂଖ୍ୟା ବହୁତ ଅଧିକ ଅଛି । ସେଥିଯୋଗୁ କମକ୍ ପଠାନ୍ତୁ ବା ଯାହାକିଛି ହଜୁର୍‌ଙ୍କର ନିର୍ଦ୍ଦେଶ ହେବ ତା ଉପରେ କାର୍ଯ୍ୟ କରାଯିବ । ଏହି ମୌକାରେ ହଜ୍ରତ୍ ଅବ୍ଦୁଲା ବିନ୍ ରୱାହା ମୁସଲ୍‌ମାନ୍ ମାନଙ୍କର ବହୁତ ସାହସ ବଢ଼ାଇଲେ ଓ ତାଙ୍କର ରଜମିଆ ସାଇରି (ଯୁଦ୍ଧପାଇଁ ଥିବା ଉତ୍ସାହବର୍ଦ୍ଧକ ଗୀତ) ମଧ୍ୟ ବହୁତ କାମରେ ଆସିଲା । ମୁସଲ୍‌ମାନ୍ ମାନଙ୍କର ତିନି ହଜାର ବିଶିଷ୍ଟ ସୈନ୍ୟ ଦୁଇଲକ୍ଷ୍ୟ ସୈନ୍ୟଙ୍କ ମୁକାବିଲାରେ ଆଗକୁ ଆଗକୁ ବଢ଼ି ଚାଲିଲା । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୨୩୭ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୧୯୯୬)

ହଜ୍ରତ୍ ଅବ୍ଦୁଲା ବିନ୍ ରୱାହାଙ୍କ ଶହିଦ୍ ହେବାର ଚର୍ଚ୍ଚା ହଜ୍ରତ୍ ଜଏଦ୍ ବିନ୍ ଅର୍‌କମ୍ ଏପରି ବର୍ଣ୍ଣନା କରୁଛନ୍ତି କି ହଜ୍ରତ୍ ଅବ୍ଦୁଲା ବିନ୍ ରୱାହା ମୋତେ ନିଜ ଓଟ ପଛପଟେ ବସାଇ ମୌତା ଯୁଦ୍ଧ ନିମନ୍ତେ ସାଥିରେ ନେଇଗଲେ । ଜଏଦ୍‌ବିନ୍ ଅର୍‌କମ୍‌କୁ ହଜ୍ରତ୍ ଅବ୍ଦୁଲା ବିନ୍ ରୱାହା ଗୋଟିଏ ଅନାଥ ପିଲା ରୂପେ ଲାଳନ ପାଳନ କରିଥିଲେ ଓ ତାଙ୍କର ତର୍‌ବିୟତ୍ ମଧ୍ୟ କରିଥିଲେ । ସେ କହୁଛନ୍ତି କି ଦିନେ ରାତିରେ ମୁଁ ହଜ୍ରତ୍ ଅବ୍ଦୁଲା ବିନ୍ ରୱାହାଙ୍କୁ ଏ ପଦ ପଢ଼ିବାର ଶୁଣିଲି, ଯେଉଁଥିରେ ନିଜ ପରିବାରକୁ ମନେ ପକାଇ ସେ କହୁଥିଲେ କି ମୁଁ କେବେ ଆଉ ଫେରି ଘରକୁ ଆସିବି ନାହିଁ । ସେ ଏହି ପଦଟିକୁ ବହୁତ ଆନନ୍ଦର ସହିତ ଗୁଣୁଗୁଣାଉଥିଲେ, ଯେଉଁଥିରେ ହଜ୍ରତ୍ ଅବ୍ଦୁଲା ନିଜ ସ୍ତ୍ରୀ କୁ ସମ୍ବୋଧନ କରି କହୁଥିଲେ କି ଗୁରୁବାର ଦିନ ସନ୍ଧ୍ୟାରେ ଯେତେବେଳେ ତୁମେ ମୋ ଓଟକୁ ଯୁଦ୍ଧପାଇଁ ପ୍ରସ୍ତୁତ କରୁଥିଲ ଓ ଶେଷଥର ପାଇଁ ମୋ ନିକଟକୁ ଆସିଥିଲ ତୁମର ଅବସ୍ଥା ସେତେବେଳେ ବହୁତ ଭଲ ଲାଗୁଥିଲା ଓ ମୋବାରକ୍ ଥିଲା । ତୁମଠାରେ କୌଣସି ଦୁର୍ଗୁଣ ବା ଖରାପ ଗୁଣ ତ ନାହିଁ, କିନ୍ତୁ ମୁଁ ବର୍ତମାନ୍ ଏପରି ଯୁଦ୍ଧରେ ପହଂଚି ସାରିଛି ଯେଉଁଠାରୁ ମୁଁ ଆଉ ତୁମପାଖକୁ ଫେରି ଯାଇପାରିବି ନାହିଁ । ଯେପରି ତାଙ୍କ ପରିବାର ପାଇଁ ଏହା ଏକ ବିଦାୟ ମୁହୁର୍ତ ଥିଲା । ଯେତେବେଳେ କମ୍ ବୟସର ଜଏଦ୍ ଏହାକୁ ଶୁଣିଲେ ସେ ବହୁତ ଦୁଃଖୀ ହୋଇଗଲେ । ଏଥିରେ ହଜ୍ରତ୍ ଅବ୍ଦୁଲା ତାଙ୍କୁ ଆକଟ କରି କହିଲେ ରେ ଅବୋଧ! ଯଦି ଅଲ୍ଲାଃତାଲା ମୋତେ ଶାହାଦତ୍ ପ୍ରଦାନ କରିବେ ତ ତୋର କଣ କ୍ଷତି ହେବ ବରଂ ତୁ ତ ମୋ ସବାରୀକୁ ନେଇ ଏକୁଟିଆ ତା ଉପରେ ବସି ଫେରି ଚାଲିଯିବୁ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୨୩୬-୨୩୭ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ ମୁଦ୍ରଣ ଦାରୁଲ୍ କୁତୁବ୍ ଅଲ୍ ଅଲମିଆ ବେରୁତ୍ ୧୯୯୬)

ଯୁଦ୍ଧ କ୍ଷେତ୍ରରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ବୀରତ୍ୱର ବେଶ୍ ସୁନ୍ଦର ନମୁନା ପ୍ରଦର୍ଶନ କରିଥିଲେ । ହଜ୍ରତ୍ ନୋମାନ୍ ବିନ୍ ବଶିର୍ ବର୍ଣ୍ଣନା କରୁଛନ୍ତି କି ହଜ୍ରତ୍ ଜାଫର୍ ଯେବେ ଶହିଦ୍ ହେଲେ ସେତେବେଳେ ହଜ୍ରତ୍ ଅବ୍ଦୁଲା ବିନ୍ ରୱାହା ସେନାର ଗୋଟିଏ କୋଣରେ ଥିଲେ । ଲୋକମାନେ ତାଙ୍କୁ ଡାକିଲେ । ସେ ନିଜକୁ ସମ୍ବୋଧନ କରି ଏହି ପଦ ପଢ଼ି ଆଗକୁ ବଢ଼ିଲେ ଯାହାର ତର୍ଜମା ହେଉଛି ଏପରିକି ହେ ମୋର ମନ! କଣ ତୁମେ ଏପରି ଯୁଦ୍ଧ କରିବନାହିଁ ଯଦ୍ୱାରା ତୁମର ଜୀବନ ଚାଲିଯିବ । ମୃତ୍ୟୁର ପୋଖରୀ ଭିତରେ ତୁମେ ଦାଖିଲ୍ ହୋଇଯାଇଛ । ଶହିଦ୍ ହେବା ପାଇଁ ତୁମ ମନରେ ଯେଉଁ ଇଚ୍ଛା ଥିଲା ତାହା ଏବେ ପୁରଣ କରିବାର ସମୟ ଆସିଯାଇଛି । ଏବେଯଦି ଜୀବନକୁ ଉତ୍ସର୍ଗ କରିବ ତେବେ ବୋଧହୁଏ ତୁମେ ପୁନ୍ୟଫଳ ପାଇଯିବ ।

ମୁସେବ୍ ବିନ୍ ଶୈବାଃ ବର୍ଣ୍ଣନା କରନ୍ତି ଯେତେବେଳେ ହଜରତ ଜୈଦ୍ ଓ ଜାଫର୍ ଶହିଦ୍ ହୋଇଗଲେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ଆଗକୁ ଆସିଲେ । ଯେତେବେଳେ ତାଙ୍କ ଶରୀରରେ ବର୍ଚ୍ଛା ଲାଗିବା ଯୋଗୁଁ ରକ୍ତର ଏକ ଧାର ବହିଲା ସେ ନିଜ ହାତରେ ସେହି ରକ୍ତଧାର ନେଇ ନିଜ ଚେହେରାରେ ବୋଳିଦେଲେ ତାପରେ ସେ ଶତ୍ରୁ ଓ ମୁସଲମାନଙ୍କ ଧାଡ଼ି ମଝିରେ ପଡ଼ିଗଲେ କିନ୍ତୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁସଲମାନମାନଙ୍କୁ ଉତ୍ସାହିତ କରି ଅତ୍ୟନ୍ତ ପ୍ରଭାବଶାଳୀ ସୁତ୍ରରେ ମୁସଲମାନମାନଙ୍କୁ ନିଜ ସାହାଯ୍ୟ ନିମନ୍ତେ ଡ଼ାକରା ଦେଲେ କି ହେ ମୁସଲମାନମାନେ ଏଠାରେ ତୁମ ଭାଇର ରକ୍ତରେ ଜୁଡୁବୁଡୁ ଶରୀର ଶତ୍ରୁ ସମ୍ମୁଖରେ ପଡ଼ିରହିଛି ଆଗକୁ ବଢ ଓ ଶତ୍ରୁମାନଙ୍କୁ ଏଠାରୁ ଦୂରେଇ ଦିଅ । ଅତଃ ମୁସଲମାନମାନେ ଅତ୍ୟନ୍ତ ସାହସିକତାର ସହିତ ଅମାନ୍ୟକାରୀଙ୍କ ଉପରେ ଆକ୍ରମଣ କଲେ । ଏହି ସମୟରେ ଅବଦୁଲ୍ଲାଃ ଶହିଦ୍ ହୋଇଗଲେ । (ଅସଦୁଲ୍ ଗାବା ଖଣ୍ଡ-୩, ପୃଷ୍ଠା-୨୩୭-୨୩୮ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୧୯୯୬)

ତାଙ୍କର ଗୋଟିଏ ବିଶେଷ ଗୁଣ ସମ୍ବନ୍ଧରେ ତାଙ୍କ ବିଧବା ପତ୍ନୀ ବେଶ୍ ସୁନ୍ଦର ସାକ୍ଷୀ ଦେଇଛନ୍ତି କି ଅବଦୁଲ୍ଲାଃ ବିନ୍ ରୱାହ୍ କଦାପି ଘରୁ ବାହରକୁ ଯାଉନଥିଲେ ଯେପର୍ଯ୍ୟନ୍ତ କି ଦୁଇ ରେକାତ ନଫିଲ୍ ନମାଜ ପାଠ କରିନଥାନ୍ତି । ସେହିପରି ଘରେ ପ୍ରବେଶ କଲା ମାତ୍ରେ ସର୍ବପ୍ରଥମେ ୱଜୁ କରି ଦୁଇ ରେକାତ୍ ନମାଜ ନଫିଲ୍ ପାଠ କରନ୍ତି । (ଅଲ୍ ଅସାବତୁନ୍ ଫି ତମିଜିସ୍ ସାହାବା ଖଣ୍ଡ-୪, ପୃଷ୍ଠା-୭୪ ବାବ୍ ଅବ୍ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୨୦୦୫)

ଏମାନେ ସେହି ଲୋକଥିଲେ ଯେଉଁମାନେ ପ୍ରତ୍ୟେକ ସମୟରେ ଅଲ୍ଲାଃତାଲାଙ୍କୁ ମନେ ରଖୁଥିଲେ । ସେମାନଙ୍କ ଇତାଅତ୍ (ଆଜ୍ଞାବହତା)ର ସ୍ତର ବିଷୟରେ ଗୋଟିଏ ରିୱାୟତ୍‌ରେ ଏପରି ମିଳୁଛି କି ହଜରତ ଅବୁ ଲୈଲା ବର୍ଣ୍ଣନା କରିଛନ୍ତି ଏକଦା ହଜୁର ସ.ଆ ଖୁତବା ଦେଉଥିବା ସମୟରେ କହିଲେ- ହେ ଲୋକମାନେ ବସିଯାଅ ସେତେବେଳେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ ମସଜିଦ୍ ବାହାରେ ଥିଲେ, ଏହା ଶୁଣି ସେ ସେହିଠାରେ ହିଁ ବସିପଡ଼ିଲେ ହଜୁର ସ.ଆ ତାଙ୍କୁ କହିଲେ **ଜାଦକଲ୍ଲାହୁ ହିର୍‌ସନ୍ ଅଲା ତୁଇୟତିଲ୍ଲାହି ୱ ତୌଇୟତିର୍ ରସୁଲ୍** ଅର୍ଥାତ ହେ ଅବଦୁଲ୍ଲାଃ ବିନ୍ ରୱାହ୍ ! ଅଲ୍ଲାଃ ଓ ରସୁଲଙ୍କ ଆଜ୍ଞାକାରୀତାର ତୁମର ଏହି ଉତ୍ସାହକୁ ଅଲ୍ଲାଃ ଆହୁରି ଅଭିବୃଦ୍ଧି କରନ୍ତୁ ।

ଧାର୍ମିକ କଥା ହେବା, ଧର୍ମସଭା ଲଗାଇବା, ଉଦ୍ଦେଶ୍ୟପୂର୍ଣ୍ଣ କଥାବାର୍ତା ହେବା ଓ ଜଣେ ଅନ୍ୟଜଣଙ୍କର ହକ୍‌କୁ ପ୍ରଦାନ କରିବା ପାଇଁ ସେମାନଙ୍କର କି ପ୍ରକାର ସ୍ତର ଥିଲା । ଏ ସମ୍ବନ୍ଧରେ ହଜ୍‌ରତ୍ ଅବୁ ଦର୍‌ଦା ବର୍ଣ୍ଣନା କରୁଛନ୍ତି କି ମୁଁ ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରୁଛି କି ମୋ ପାଇଁ କେବେ ଏପରି ଗୋଟିଏ ଦିନ ନଆସିଥିବ କି ଯେବେ ମୁଁ ହଜ୍‌ରତ୍ ଅବ୍‌ଦୁଲା ବିନ୍ ରୱାହ୍‌ଙ୍କୁ ମନେ ନପକାଇଥିବି । ପ୍ରତ୍ୟେକ ଦିନ ମୁଁ ତାଙ୍କୁ ମନେ ପକାଉଛି । ଏହାର କାରଣ ହେଉଛି ହଜ୍‌ରତ୍ ଅବ୍‌ଦୁଲା ବିନ୍ ରୱାହ୍‌ଙ୍କର ଏ ବିଶେଷ ଗୁଣ ଥିଲା କି ଯେବେ ମଧ୍ୟ ମୋ ସହିତ ତାଙ୍କର ସାକ୍ଷାତ୍ ହୁଏ, ଯଦି ସେ ପଛରୁ ଆସୁଥାନ୍ତି ସେ ନିଜର ହାତକୁ ମୋ କାନ୍ଧ ଉପରେ ରଖିଦିଅନ୍ତି ଓ ଯଦି କେବେ ମୋ ସମ୍ମୁଖରୁ ଆସୁଥାନ୍ତି ତେବେ ତାଙ୍କର ହାତକୁ ମୋ ଛାତିରେ ରଖି କହନ୍ତି ହେ ଅବୁଦରଦା ! ଆସ ଟିକିଏ ମିଳିମିଶି ବସିବା ଓ ଇମାନ୍‌କୁ ତାଜା କରିବା, କିଛି ବିଶ୍ୱାସବର୍ଦ୍ଧକ କଥା ହେବା । ପୁଣି ସେ ମୋ ସହିତ ବସନ୍ତି ଓ ଯେଉଁ ପର୍ଯ୍ୟନ୍ତ ଆମକୁ ଅବସର ମିଳେ ଆମେ ଅଲ୍ଲାଃତାଲାଙ୍କର ଗୁଣଗାନ କରିଥାଉ । ପୁଣି କହନ୍ତି କି ହେ ଅବୁଦରଦା ! ଏହା ହେଉଛି ଇମାନ୍‌ର ବୈଠକ” । (ଅସଦୁଲ ଗାବା ଖଣ୍ଡ-୩, ପୃଷ୍ଠା-୨୩୬ ବାବ୍ ଅବ୍‌ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୧୯୯୬)

ସୁତରାଂ ସେହି ସବୁ ଇମାନ୍‌ର ବୈଠକ ଲଗାଉଥିବା ଲୋକେ ଏପରି ଦୃଷ୍ଟାନ୍ତ କାଏମ୍ କରିଛନ୍ତି ଯାହା ଆମପାଇଁ ଅନୁକରଣୀୟ ଅଟେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର କଥା ଓ ତାଙ୍କର ମଜ୍‌ଲିସ୍‌କୁ କିପରି ସମ୍ମାନ ଜଣାଇଛନ୍ତି । ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ଅବ୍‌ଦୁଲା ବିନ୍ ରୱାହାଙ୍କର ଏ ଅଭ୍ୟାସ ଥିଲା କି ଯେବେ ସେ କୌଣସି ସାହାବିଙ୍କ ସହିତ ମିଶୁଥିଲେ ତେବେ ସେ ତାଙ୍କୁ ଏକଥା କହୁଥିଲେ କି ତାଆଲ୍ ନୁମିନ୍ ବି ରବ୍‌ବିନା ସା – ଅର୍ଥାତ୍ ଆସ, ଅଳ୍ପ କିଛି ସମୟ ନିଜ ପାଳନକର୍ତାଙ୍କ ଉପରେ ବିଶ୍ୱାସ ଆଣିବା । ଦିନେ ସେ ଏହି କଥାକୁ ଜଣେ ଲୋକଙ୍କୁ କହିଲେ । ସେ ଲୋକ ଜଣକ ରାଗିଗଲା ଓ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସି ଏ କଥା କହିଲା କି ହେ ରସୁଲଲ୍ଲାଃ ! ଇବ୍‌ନେ ରୱାହ୍‌ଙ୍କୁ ଦେଖନ୍ତୁ ସେ ଲୋକମାନଙ୍କୁ ଆପଣଙ୍କ ଉପରେ ଇମାନ୍ ଆଣିବା ପରିବର୍ତେ କିଛି ସମୟପାଇଁ ଇମାନ୍ (ବିଶ୍ୱାସ)ର ନିମନ୍ତ୍ରଣ ଦେଉଅଛି । ଏଥିରେ ନବୀ କରିମ୍ ସ:ଆ:ସ କହିଲେ- *ୟର୍‌ହମୁଲ୍ଲାହୁ ଇବ୍‌ନେ ରୱାହା* ଅର୍ଥାତ୍- ଅଲ୍ଲାଃତାଲା ଅବ୍‌ଦୁଲା ବିନ୍ ରୱାହାଙ୍କ ଉପରେ କରୁଣା କରନ୍ତୁ । ଆପଣ ସ:ଆ:ସ କହିଲେ ସେ ସେହି ମଜ୍‌ଲିସ୍ ଗୁଡିକୁ ପସନ୍ଦ କରିଥାନ୍ତି ଯାହାଙ୍କ ଉପରେ ଫରିସ୍ତାମାନେ ମଧ୍ୟ ଗର୍ବ କରିଥାନ୍ତି । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୪, ପୃଷ୍ଠା-୬୭୬, ହଦିସ୍ ନଂ-୧୩୮୩୨....ବେରୁତ୍ ୧୯୯୮)

ସେ ଜଣେ ଉଚ୍ଚ କୋଟିର କବି ଥିଲେ ହଜୁର ସ.ଆଙ୍କ ଦରବାରରେ ଥିବା କବିମାନଙ୍କ ମଧ୍ୟରେ ହଜରତ କାବ୍ ବିନ୍ ମାଲିକ୍ ଓ ହଜରତ ହସାନ ବିନ୍ ସାବିତଙ୍କ ପରେ ତାଙ୍କର (ତୃତୀୟ) ସ୍ଥାନ ଥିଲା । ତାଙ୍କର କବିତା ରଜ୍‌ମିୟା (ଉତ୍ସାହବର୍ଦ୍ଧକ) ଥିଲା । ମୋଅଜମୁସ୍ ଶୋଅରାର ଲେଖକ ଲେଖୁଛନ୍ତି କି-ହଜ୍‌ରତ୍ ଅବ୍‌ଦୁଲା ବିନ୍ ରୱାହା ଜାହିଲିୟତ୍ ଯୁଗରେ ସାଏରୀ କରୁଥିଲେ । ସେଥିଯୋଗୁ ତାଙ୍କର ବହୁତ ସମ୍ମାନ କରାଯାଉଥିଲା ଓ ଇସ୍‌ଲାମ୍ ଯୁଗରେ ମଧ୍ୟ ସେଥିଯୋଗୁ ତାଙ୍କୁ ବହୁତ ପଦମର୍ଯ୍ୟାଦା ହାସଲ ହୋଇଥିଲା । ହଜୁର ସ.ଆଙ୍କ ସମ୍ମାନ ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ସେ ଏକ ଏଭଳି କବିତା କହିଲେ ଯାହାକୁ ସର୍ବଶ୍ରେଷ୍ଠ କବିତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଉକ୍ତ କବିତା ତାଙ୍କ ହୃଦୟର (ଅବସ୍ଥାକୁ) ପରିପ୍ରକାଶ କରୁଥିଲା ଯେଉଁଥିରେ ସେ ହଜୁର ସ.ଆଙ୍କୁ କହିଥିଲେ-*ଲୱ୍‌ଲମ୍ ତକୁନ ଫିହି ଆୟାତୁମ୍ ବୈୟେନତୁନ୍.... କାନତ୍ ବଦିହତୁହ୍ ତୁନ୍‌ବିକା ବିଲ୍‌ଖୈରି* । (ଅଲ୍ ଅସାବତୁ ଫି ତମିଜିସ୍ ସାହାବା ଖଣ୍ଡ-୪, ପୃଷ୍ଠା-୭୫ ବାବ୍ ଅବ୍‌ଦୁଲା ବିନ୍ ରୱାହା ର:ଅ....ବେରୁତ୍ ୨୦୦୫)

*ଅର୍ଥାତ୍ ହଜରତ ମହମ୍ମଦ ସ.ଆଙ୍କ ନିକଟରେ ଯଦି ସତ୍ୟ ଓ ନିଜ ସତ୍ୟବାଦୀ ହେବାର ପ୍ରତ୍ୟକ୍ଷ ଓ ଜ୍ୱଳନ୍ତ ପ୍ରମାଣ ନଥାନ୍ତା ତେବେ ଆପଣଙ୍କ ମୁଖମଣ୍ଡଳ ହିଁ ଆପଣଙ୍କ ସତ୍ୟବାଦୀ ହେବାର ଯଥେଷ୍ଟ ପ୍ରମାଣ ଥିଲା ଯାହାକି ଆପଣଙ୍କ ସତ୍ୟବାଦୀ ହେବାର ପରିପ୍ରକାଶ କରୁଥିଲା* । ଏମାନେ ଥିଲେ ହଜୁର ସ.ଆଙ୍କ ପ୍ରେମୀ ଯେ ହଜୁର ସ.ଆଙ୍କ ଚେହେରା ଦେଖି ସତ୍ୟକୁ ଚିହ୍ନିଯାଇଥିଲେ ।

ପୁଣି ଇତିହାସ ପୃଷ୍ଠାରେ ଆମକୁ ଦୁଇଜଣ ଛୋଟ ଭାଇଙ୍କ ଖବର ମିଳୁଛି ଯାହାଙ୍କ ସାହସ ଆଶ୍ଚର୍ଯ୍ୟଜନକ ଥିଲା । ହଜରତ ମାଜ ବିନ୍ ହାରିସ୍ ବିନ୍ ରଫାଅତ୍ ଓ ହଜରତ ମଉଜ ବିନ୍ ହାରିସ୍ ବିନ୍ ରଫାଅତ୍ ଉଭୟେ ବଦର ଯୁଦ୍ଧରେ ସାମିଲ୍ ଥିଲେ । ଅବୁଜହଲ୍‌ଙ୍କୁ ହତ୍ୟା କରିବାରେ ମଧ୍ୟ ସେମାନେ ଭାଗ ନେଇଥିଲେ । ବଦର୍ ରଣକ୍ଷେତ୍ରରେ ଯେଉଁଠି ଭୀଷଣ ଯୁଦ୍ଧ ଚାଲିଥିଲା ଓ ମୁସଲ୍‌ମାନଙ୍କ ସମ୍ମୁଖରେ ତାଙ୍କଠାରୁ ତିନିଗୁଣା ଅଧିକା ଲୋକଥିଲେ ଯେଉଁମାନେ ପ୍ରତ୍ୟେକ ପ୍ରକାର ଅସ୍ତ୍ରଶସ୍ତ୍ର ନେଇ ଲଢ଼ିବାକୁ ଆସିଥିଲେ ଓ ସେମାନେ ଏ ଶପଥ କରି ରଣକ୍ଷେତ୍ରକୁ ଆସିଥିଲେ କି ଆମେ ଇସ୍‌ଲାମ୍‌ର ଚିହ୍ନବର୍ଣ୍ଣ ରଖିବୁ ନାହିଁ । ବିଚରା ମୁସଲ୍‌ମାନ୍ ମାନେ ବହୁତ କମ୍ ସଂଖ୍ୟାରେ ଥିଲେ । ଏହି ସମସ୍ତ ଘଟଣାବଳୀକୁ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ମଧ୍ୟ ନିଜର ପୁସ୍ତକ ସିରତେ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି ଓ ମୁସଲ୍‌ମାନଙ୍କର ଦୁର୍ବଳତା ଓ ଦେଶାନ୍ତରର ଅବସ୍ଥା ମଧ୍ୟ ଥିଲା । ଯୁଦ୍ଧ ସାମାଗ୍ରୀ ବାବଦରେ ମୁସଲ୍‌ମାନ୍‌ମାନେ ମକ୍କାବାସୀଙ୍କ ସମ୍ମୁଖରେ ଏପରି ଲାଗୁଥିଲେ ଯେପରି ସେମାନେ କିଛି ମୁହୁର୍ତର ଶିକାର ଥିଲେ କିନ୍ତୁ ଏକଶ୍ୱରବାଦ ଓ ରେସାଲତ୍‌ର ପ୍ରେମ ତାଙ୍କୁ ଏପରି କରିଦେଇଥିଲା ଓ ସେମାନେ ଏଥିରେ ଉତ୍ସାହିତ ହୋଇ ଏତେ ଭାବବିହୋଳ ହୋଇଯାଇଥିଲେ କି ସେତେବେଳେ ତାଙ୍କଠାରୁ ଅଧିକ ଶକ୍ତିଶାଳୀ ଯେପରି ଆଉ କେହି ନଥିଲେ ଓ ଏହା ତାଙ୍କର ଇମାନ୍ ଥିଲା । ଏକ ଜୀବନ୍ତ ଇମାନ୍,ଯାହା ଏକ ଅସାଧାରଣ ଶକ୍ତି ତାଙ୍କ ଭିତରେ ଭରିଦେଉଥିଲା ସେ ସମୟରେ ଯୁଦ୍ଧ କ୍ଷେତ୍ରରେ ସେମାନେ ଧର୍ମସେବାର ନମୁନା ଦେଖାଇଥିଲେ ଯାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠି ମିଳେନାହିଁ । ପ୍ରତ୍ୟେକ ବ୍ୟକ୍ତି ଜଣେ ଅନ୍ୟଠାରୁ ବଳି ଖୁଦାଙ୍କ ମାର୍ଗରେ ଜୀବନ ଦେବା ପାଇଁ ଉତ୍ସାହିତ ଦେଖାଯାଉଥିଲା । ଅନ୍‌ସାର୍‌ମାନଙ୍କ ଉତ୍ସାହ, ନିଷ୍ଠାର ଏ ଅବସ୍ଥା ଥିଲା କି ହଜରତ ଅବଦୁର ରହେମାନ୍ ବିନ୍ ଅଓଫ୍ ର.ଅ ବର୍ଣ୍ଣନା କରନ୍ତି କି ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ମୁଁ ନିଜ ବାମ ଓ ଡ଼ାହଣ ପାର୍ଶ୍ୱକୁ ଦେଖିଲି, ସେଠାରେ ଅନସାରଙ୍କ ଦୁଇ ଜଣ ଯୁବକ ଛିଡ଼ା ଥିବାର ପାଇଲି । ସେମାନଙ୍କୁ ଦେଖି ମୋ ହୃଦୟ ବସିଗଲା ମୁଁ ଏହି ଚିନ୍ତାରେ ଥିଲି କି ଏମାନେ ମୋର କି ସୁରକ୍ଷା କରିବେ ସେହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ମୋତେ ଧିର ଶ୍ୱରରେ ପଚାରିଲା କି ଚଚା ସେହି ଅବୁ ଜହଲ୍ କେଉଁଠାରେ ଅଛି ଯେ ମକ୍କାରେ ହଜୁର ସ.ଆଙ୍କୁ କଷ୍ଟ ଦେଉଥିଲା । ମୁଁ ଅଲ୍ଲାଃଙ୍କ ନିକଟରେ ପ୍ରତିଜ୍ଞା କରିଛି କି ମୁଁ ତାହାକୁ ହତ୍ୟା କରିବି କିମ୍ବା ହତ୍ୟା କରିବାକୁ ଚେଷ୍ଟା କରି ଶହିଦ୍ ହେବି ସେ କୁହନ୍ତି ମୁଁ ତାହାର ଉତର ଦେଇନଥିଲି କି ତତ୍‌କ୍ଷଣାତ ଅନ୍ୟ ପାର୍ଶ୍ୱରୁ ସେହିପରି ଧିର ଶ୍ୱରରେ ଦ୍ୱିତୀୟ ବାଳକ ଜଣକ ସମାନ ପ୍ରଶ୍ନ ପଚାରିଲେ ମୁଁ ସେମାନଙ୍କ ସାହସ ଦେଖି ଆଚମ୍ବିତ ହେଲି କାରଣ ଅବୁ ଜହଲ୍ ଶତ୍ରୁମାନଙ୍କ ସରଦାର ଥିଲା ଏବଂ ତାହା ଚର୍ତୁପାର୍ଶ୍ୱରେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଦକ୍ଷ ସୈନ୍ୟସାମନ୍ତ ଘେରି ରହିଥିଲେ । ମୁଁ ହାତର ଇଶାରାରେ କହିଲି ସେ ଅବୁ ଜହଲ୍ ଅଟେ । ଅବଦୁର୍ ରହେମାନ୍ କୁହନ୍ତି ମୋର ଇଶାରା କରିବା ଥିଲା, ଉଭୟ ଯୁବକ ଚିଲ ଝାମ୍ପିଲା ପରି ଶତ୍ରୁ ପାର୍ଶ୍ୱକୁ ଦୋଡ଼ିଲେ ଏବଂ ଆଖି ପିଛୁଳାକେ ଅବୁଜହଲ୍ ନିକଟରେ ପହଂଚି ତା ଉପରେ ଆକ୍ରମଣ କରିଦେଲେ । ଅବୁ ଜହଲ୍ ଓ ତାହାର ସାଥିମାନେ ଏହା ଦେଖି ହତବାକ ରହିଗଲେ ଓ ସେମାନେ ଅବୁ ଜହଲ୍‌କୁ ତଳେ ପକାଇଦେଲେ । ଅକରମା ବିନ୍ ଅବୁ ଜହଲ୍ ନିଜ ପିତା ସହିତ ଥିଲା ସେ ନିଜ ପିତାକୁ ତ ରକ୍ଷା କରିପାରିଲା ନାହିଁ କିନ୍ତୁ ସେ ପଛପଟୁ ମାଜ୍ ଉପରେ ଏଭଳି ଆକ୍ରମଣ କଲା କି ତାହାର ଦକ୍ଷିଣ ହସ୍ତ କଟିଯାଇ ନୋହଳି ପଡ଼ିଲା । ମାଜ୍ ଅକରମା ପଛରେ ଗଲେ କିନ୍ତୁ ସେ ଚମ୍ପଟ ମାରିବାରେ ସଫଳ ହୋଇଗଲା । ମାଜ୍‌ଙ୍କ କଟିଯାଇଥିବା ହାତ ଯୁଦ୍ଧ କରିବାରେ ବାଧକ ସାଜୁଥିବାରୁ ସେ ତାହାକୁ ଜୋରରେ ଟାଣି ନିଜ ଶରୀରରୁ ଅଲଗା କରିଦେଲେ ତାପରେ ଲଢିବା ଆରମ୍ଭ କରିଦେଲେ । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ଲେଖକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୬୨)

ତେବେ ସେହି ବାଳକମାନଙ୍କ ମଧ୍ୟରେ ନିଜ ବିଶ୍ୱାସ ପ୍ରତି ସ୍ୱାଭିମାନ ଥିଲା, ହଜୁର ସ.ଆଙ୍କ ପ୍ରତି ପ୍ରେମ ଥିଲା ଯାହାକି ସେମାନଙ୍କୁ ଏଭଳି ନିର୍ଭୟ କରିଦେଇଥିଲା ଏବଂ ସେମାନେ ଅବୁ ଜହଲ୍ ଯେ ଇସମାଲର ସର୍ବନାସ କରିବାକୁ ଚାହୁଁଥିଲା ଯେ ହଜୁର ସ.ଆଙ୍କୁ ଅନେକ ବର୍ଷ ହେଲା କଷ୍ଟ ଦେଇଆସୁଥିଲା ତାହର ଅନ୍ତ ନିଜ ହାତରେ କରିବାକୁ ଚାହୁଁଥିଲେ । ସେମାନେ ଆଜିକାଲିର ନାମକୁ ମାତ୍ର ଜିହାଦିଙ୍କ ପରି ନଥିଲେ ଯେ ଯୁବକମାନଙ୍କୁ ରେଡ଼ିକୁଲାଇଜ୍ କରି କହୁଛନ୍ତି କି ଆସ ଇସଲାମ ପାଇଁ ଲଢ ବରଂ ସେମାନଙ୍କର ଗୋଟିଏ ଲକ୍ଷ ଥିଲା କି ଯଦି ବର୍ତମାନ ଆମେ ଅଲଗା ରହିବା ସତ୍ୱେ ଶତ୍ରୁ ଆମକୁ ଶାନ୍ତିରେ ରହିନବାକୁ ଦେଉ ନାହିଁ ତେବେ ଆମକୁ ସମସ୍ତ ପ୍ରକାର ବଳିଦାନ ଦେବା ପାଇଁ ଆଗକୁ ବଢିବା ଉଚିତ୍ । **ଯଦ୍ୱାରା ଶାନ୍ତି ପ୍ରତିଷ୍ଠା ହେବ ନା କି ବିଭ୍ରାଟ ସୃଷ୍ଟି ହେବ** । ଆଜିକାଲି ଦେଶ ଉପରେ କବ୍‌ଜା କରିବା ପାଇଁ ଯୁବକମାନଙ୍କୁ ଜବର୍‌ଦସ୍ତି ଉଠାଇ ନିଆଯାଉଛି । ପୁଣି ରେଡିକାଲାଇଜ୍ କରାଯାଉଛି । ବିଗତ ଦିନରେ ଗୋଟିଏ ଖବର ଏପରିଥିଲା କି ସିରିଆରେ ୧୪ ବର୍ଷର ଜଣେ ଯୁବକ ତାଙ୍କଠାରୁ ବଂଚି ଫେରି ଆସିଛି । ସେ କହିଲା କି ମୁଁ ସ୍କୁଲ୍‌ରୁ ଆସୁଥିଲି । ମୋତେ ଅପହରଣ କରିନେଲେ, ତା ପରେ ମୋତେ ଜବର୍‌ଦସ୍ତି ଟ୍ରେନିଂ ଦେଲେ । ମୁଁ ଯେତେବେଳେ ଏହା ମାନିଲି ନାହିଁ ମୋତେ ଦଣ୍ଡ ଦେଲେ । ଶେଷରେ ମୋ ଦ୍ୱାରା ଯୁଦ୍ଧ କରାଉଥିଲେ । ପୁଣି ମୁଁ ବହୁତ କଷ୍ଟରେ ସେଠାରୁ ବଂଚି ଫେରିଆସିଛି । ତେବେ ଦେଖନ୍ତୁ ମୁସଲ୍‌ମାନ୍ ମାନେ ଇସ୍‌ଲାମ୍ ନାରେ ଏପରି କାଣ୍ଡ ଭିଆଉଛନ୍ତି, ଯାହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମ୍ ଶିକ୍ଷାର ଖିଲାଫ୍ ଅଟେ । ଇସ୍‌ଲାମ୍ ଯଦି ଯୁଦ୍ଧ କରିଛି, ଜୀବନ ଦେଇଛି ତେବେ ସେହି ଲୋକମାନଙ୍କର ଏହା ଉତ୍ସର୍ଗୀକୃତ ମନୋଭାବ ଥିଲା, ତାହା କେବଳ ଏଥିପାଇଁ ଥିଲା କି କିପରି ଦୀନ୍‌କୁ ବଂଚାଯାଇପାରିବ ଓ ଏହାଦ୍ୱାରା ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଅତଃ ଆଜିକାଲିର ଜେହାଦି ଓ ଇସଲାମର ପ୍ରାରମ୍ଭିକ ସମୟରେ ଜେହାଦିଙ୍କ ମଧ୍ୟରେ ଅନେକ ପ୍ରଭେଦ ରହିଛି । ହଜରତ ମସିହ ମଉଦ ଆ.ସ କୁହନ୍ତି-

“ମୁଁ ନିଜ ଜମାଅତରେ ସାହାବାଙ୍କର ଏହି ନମୁନା ଦେଖିବାକୁ ଚାହେଁ କି ସେମାନେ ଅଲ୍ଲାଃତାଲାଙ୍କୁ ପ୍ରାଥମିକତା ଦିଅନ୍ତୁ ଏବଂ କୌଣସି ମାମଲା ସେମାନଙ୍କ ମାର୍ଗରେ ବାଧକ ନସାଜୁ । ସେମାନେ ନିଜ ଧନ ଓ ଜୀବନକୁ ତୁଚ୍ଛ ମଣନ୍ତୁ । ମୁଁ ଦେଖୁଅଛି ଯେ, ଅନେକ ଲୋକଙ୍କ କାର୍ଡ଼ ଆସୁଛି କି ତାଙ୍କର ବାଣିଜ୍ୟ କିମ୍ବା କାର୍ଯ୍ୟରେ କ୍ଷତି ଘଟିଲା କିମ୍ବା କୌଣସି ସମସ୍ୟାର ସମ୍ମୁଖୀନ ହେବା ଯୋଗୁଁ ସଙ୍ଗେସଙ୍ଗେ (ମନରେ) ସନ୍ଦେହ ଉତ୍ପନ୍ନ ହେଲା କି ଜଣା ନାହିଁ ଆମେ ମସିହ ମଉଦଙ୍କୁ ସ୍ୱୀକାର କରି ଭୁଲ ତ କରିବସିନେ । ଆପଣ କୁହନ୍ତି ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ବୁଝିପାରୁଥିବ କି ଉକ୍ତ ବ୍ୟକ୍ତି ଅସଲ ଉଦ୍ଦେଶ୍ୟରୁ କିଭଳି ଦୂରରେ ରହିଛି । ଚିନ୍ତା କର ଏଭଳି ଲୋକ ଓ ସାହାବାମାନଙ୍କ ମଧ୍ୟରେ କିଭଳି ଫରକ୍ ରହିଛି । ସାହାବା ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାକୁ ସର୍ବଦା ଚେଷ୍ଟିତ ରହୁଥିଲେ ତେଣିକି ସେହି ମାର୍ଗରେ ଯେଭଳି କଷ୍ଟ ସହ୍ୟ କରିବାକୁ ପଡ଼ିଲେ ସେମାନେ କରୁଥିଲେ । ଯଦି କେହି ଅସୁବିଧା ଓ କଷ୍ଟରେ ପଡ଼ିନଥାନ୍ତେ ଏବଂ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

ଆଜି ୨୩ ମାର୍ଚ୍ଚ ଏବଂ ଏହି ଦିନ ଜମାଅତ୍ ଅହେମଦିୟା ଇତିହାସରେ **ୟୋମେ ମସିହ ମଉଦ** ନାମରେ ମନେରଖା ଯାଇଥାଏ । ଏହି ଉପଲକ୍ଷେ ଜମାଅତରେ ଜଲସା ମଧ୍ୟ ପାଳନ କରାଯାଇଥାଏ । ବର୍ତମାନ ମୁଁ ହଜରତ ମସିହ ମଉଦ ଆ.ସଙ୍କ କେତେକ କଥନ ଉପସ୍ଥାପନ କରିବି ଯେଉଁଥିରେ ଆପଣ ମସିହ ଓ ମେହଦିଙ୍କ ଆଗମନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ତାଙ୍କ ପଦ ତଥା ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ।

ହଜ୍‌ରତ୍ ଅକଦସ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ପ୍ରସଙ୍ଗରେ ମସିହ୍ ମଉଦ୍‌ଙ୍କ ଆବିର୍ଭାବ, ଆସିବାର ଉଦ୍ଦେଶ୍ୟ ଓ ତାଙ୍କ ପଦମର୍ଯ୍ୟାଦାର ଚର୍ଚ୍ଚା ଏବଂ ଏ ସମ୍ବନ୍ଧରେ ଜମାତ୍‌ରେ ଲୋକମାନଙ୍କୁ ଉପଦେଶ ।

ଆଜି ଅଲ୍ଲାଃତାଲାଙ୍କ ଦୟାବଳରୁ ସେହି ଏକ ସ୍ୱର ଯାହା ଗୋଟିଏ ଛୋଟିଆ ଗ୍ରାମରୁ ଉତୋଳନ ହୋଇଥିଲା ତାହା ଏବେ ଦୁନିଆର ୨୧୦ଟି ଦେଶରେ ପ୍ରସାର କରିଯାଇଛି ଓ ଏହା ହେଉଛି ଆପଣ ଆ:ସଙ୍କ ସତ୍ୟତାର ଦଲିଲ୍ । ଦୂରଦୂରାନ୍ତ ଇଲାକାରେ ଯେଉଁଠି ତିରିଶି ଚାଳିଶି ବର୍ଷ ପୂର୍ବେ ଅହେମଦୀୟତ୍ ପହଂଚିବ ବୋଲି ଚିନ୍ତା କରାଯାଇପାରୁନଥିଲା ସେଠାରେ ନା କେବଳ ଅହେମଦୀୟତ୍‌ର ବାର୍ତା ପହଂଚିଲା ବରଂ ସେଠାରେ ଏପରି ଦୃଢ଼ ବିଶ୍ୱାସୀମାନଙ୍କୁ ଅଲ୍ଲାଃତାଲା ଜନ୍ମାଉଛନ୍ତି କି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି ।

ବେନିନ୍‌ର ଏକ ଗ୍ରାମରେ ନୂଆ ଅହେମଦୀଙ୍କ ବିଶ୍ୱାସ, ନିଷ୍ଠା ଓ ଧୈର୍ଯ୍ୟ ଓ ଅଲ୍ଲାଃତାଲାଙ୍କର ସାହାଯ୍ୟ ସହଯୋଗର ବିଶ୍ୱାସବର୍ଦ୍ଧକ ଘଟଣାର ବର୍ଣ୍ଣନା ।

ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଅନୁଶୀଳନ କରିବା ଉଚିତ୍ କି ଯଦି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିଛେ ତେବେ ତାଙ୍କୁ ମାନିବା ଓ ତାଙ୍କ ହାତରେ ବୟତ୍ କରିବାର ହକ୍ କଣ ଆମେ ପ୍ରଦାନ କରୁଛେ ? ଅଧିକାଂଶ ସମୟ ମୁଁ ଏହା ଅନୁଶୀଳନ କରି ଦେଖିଛି କି ଆମ ମାନଙ୍କ ମଧ୍ୟରୁ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ନମାଜ ମଧ୍ୟ ପଢୁନାହାଁନ୍ତି । ନମାଜ ପ୍ରତି ସେମାନଙ୍କର ଧ୍ୟାନ ହିଁ ନାହିଁ । ଇସ୍‌ତେଗ୍‌ଫାର୍ ପ୍ରତି କିଛି ଲୋକଙ୍କର ବିଲ୍‌କୁଲ୍ ଧ୍ୟାନ ନାହିଁ । ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ପ୍ରତି କୌଣସି ଧ୍ୟାନ ନାହିଁ । ଯଦି ଆମର ଏପରି ଅବସ୍ଥା ତେବେ ଆମେ କିପରି ଏହା କହିପାରିବା କି ଆମେ ଆମାଲେ ସ୍ୱାଲେହା (ଉଚିତ୍ କର୍ମ) କରୁଛୁ ବୋଲି ।

ତେଣୁ ଏହା ବଡ଼ ଚିନ୍ତାର ବିଷୟ । ଆମ ସମସ୍ତଙ୍କୁ ନିଜ ନିଜର ଅନୁଧ୍ୟାନ ଓ ଅନୁଶୀଳନ କରିବା ଆବଶ୍ୟକ ଅଛି । ଅଲ୍ଲାଃତାଲା କରନ୍ତୁ କି ଆମେ କେବଳ ପ୍ରଥାନୁସାରେ ୟୋମେ ମସିହ୍ ମଉଦ୍ ପାଳନ କରିବା ବାଲା ନହେଉ ବରଂ ମସିହ୍ ମଉଦ୍‌କୁ ଗ୍ରହଣ କରିବା ହକ୍ ମଧ୍ୟ ପ୍ରଦାନ କରିବା ବାଲା ହେଉ ଓ ପ୍ରତ୍ୟେକ ପ୍ରକାରର ଅନ୍ତଃ ଓ ଆଭ୍ୟନ୍ତରୀଣ ଫିତ୍‌ନାରୁ ବଂଚିବା ବାଲା ହେଉ । ଅଲ୍ଲାଃତାଲା ସର୍ବଦା ଆମକୁ ନିଜ ଶରଣରେ ରଖନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟରୁ ଆମକୁ ମୁକ୍ତି ଦିଅନ୍ତୁ ।

୨୩ ମାର୍ଚ୍ଚ୍ ୨୦୧୮ରୁ ଇଂରାଜୀ ଭାଷାରେ ସାପ୍ତାହିକ ଅଖ୍‌ବାର୍ ଅଲ୍‌ହକମ୍ (ପତ୍ରିକା)ର ଶୁଭାରମ୍ଭର ଖୁସି ଖବର, ଏହି ଖବରକାଗଜ ଇଂଟର୍‌ନେଟ୍‌ରେ ଉପଲବ୍ଧ ହେବ । ମୋବାଇଲ୍ ଫୋନ୍ ଏବଂ ଟାବ୍‌ଲେଟ୍ ନିମନ୍ତେ ଏହି ଆପ୍ (App) ମଧ୍ୟ ଉପଲବ୍ଧ ହେବ । ଇଂରାଜୀ ଜାଣିଥିବା ଲୋକ ବିଶେଷଙ୍କୁ ଏଥିରୁ ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ତାଗିଦ୍ ।

## ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୩ ମାର୍ଚ୍ଚ୍ ୨୦୧୮ ଅନୁଯାୟୀ ୨୩ ଅମାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ۔ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଆଜି ୨୩ ମାର୍ଚ୍ଚ ଏବଂ ଏହି ଦିନ ଜମାଅତ୍ ଅହେମଦିୟା ଇତିହାସରେ **ୟୋମେ ମସିହ ମଉଦ** ନାମରେ ମନେରଖା ଯାଇଥାଏ । ଏହି ଉପଲକ୍ଷେ ଜମାଅତରେ ଜଲସା ମଧ୍ୟ ପାଳନ କରାଯାଇଥାଏ । ବର୍ତମାନ ମୁଁ ହଜରତ ମସିହ ମଉଦ ଆ.ସଙ୍କ କେତେକ କଥନ ଉପସ୍ଥାପନ କରିବି ଯେଉଁଥିରେ ଆପଣ ମସିହ ଓ ମେହଦିଙ୍କ ଆଗମନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ତାଙ୍କ ପଦ ତଥା ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ହଜୁର ଆ.ସଙ୍କ ଘୋଷଣା ପରେ ନାମକୁ ମାତ୍ର ମୁସଲମାନ ବିଦ୍ୱାନମାନେ ଆପଣଙ୍କ ବିରୁଦ୍ଧରେ (ଲୋକଙ୍କୁ) ପ୍ରବର୍ତାଇବାରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ କିନ୍ତୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଫଳରେ ଜମାଅତ ଉନ୍ନତି ପଥରେ ଆଗେଇ ଚାଲିଛି ଏବଂ ପୁଣ୍ୟବନ୍ତ ଲୋକେ ଜମାଅତର ଅନ୍ତର୍ଭୁକ୍ତ ହୋଇଚାଲିଛନ୍ତି । ହଜରତ ମସିହ ମଉଦ ଆ.ସ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ନିଜ ଆଗମନର ଚର୍ଚ୍ଚା କରି ଘୋଷଣା କଲେ ମୁଁ ହିଁ ଆଗମନକାରୀ ମସିହ ମଉଦ ଅଟେ ଆପଣ ଆହୁରି କହିଲେ-

ପ୍ରକୃତ ଏକେଶ୍ୱରବାଦ, ହଜରତ ମହମ୍ମଦ ସ.ଆଙ୍କ ସମ୍ମାନ ରକ୍ଷା ଓ ପବିତ୍ର କୋରାନ ଅଲ୍ଲାଃତାଲାଙ୍କ ନିକଟରୁ ଆସିବାକୁ ନେଇ ଘୋର ଅତ୍ୟାଚାର ଓ ଆକ୍ରମଣ କରାଯାଉଅଛି ତେବେ କ'ଣ ଏପରି ଅବସ୍ଥାରେ ଅଲ୍ଲାଃଙ୍କ ସ୍ୱାଭିମାନ ଆବଶ୍ୟକ କରୁନାହିଁ କି ଏହି ସଲିବ୍ (କୃଷ) ବିଭ୍ରାଟର ଭଙ୍ଗକାରୀକୁ ଅବତୀର୍ଣ୍ଣ କରିଥାନ୍ତେ ? କ'ଣ ଅଲ୍ଲାଃ ନିଜ ପ୍ରତିଶୃତି **ଇନ୍ନା ନହନୁ ନୟ୍‌ଯଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲାହେଫିଜୁନ୍**କୁ ପାସୋରି ବସିଛନ୍ତି ? ଖୁବ ଭଲକରି ମନେରଖ ଅଲ୍ଲାଃଙ୍କ ପ୍ରତିଶୃତି ସତ୍ୟ ଅଟେ । *ସେ ନିଜ ପ୍ରତିଶୃତି ମୁତାବକ ସଂସାରରେ ଏକ ସତର୍କକର୍ତା ପ୍ରେରଣ କଲେ, ସଂସାରବାସୀ ତାଙ୍କୁ ସ୍ୱୀକାର କଲେ ନାହିଁ କିନ୍ତୁ ଅଲ୍ଲାଃ ତାଙ୍କୁ ସୁନିଶ୍ଚିତ ସ୍ୱୀକାର କରିବେ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଓ ନିଦର୍ଶନ ଦେଖାଇ ତାଙ୍କର ସତ୍ୟବାଦୀ ହେବା ପ୍ରମାଣିତ କରିଦେବେ । ମୁଁ ତୁମକୁ ସତ କହୁଅଛି କି ମୁଁ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ମସିହ ମଉଦ ହୋଇ ଆସିଅଛି ଇଚ୍ଛା କଲେ ସ୍ୱୀକାର କର ଅବା ନକର ।* କିନ୍ତୁ ତୁମର ମୋତେ ଅସ୍ୱୀକାର କଲେ କିଛି ଫରକ୍ ପଡ଼ିବ ନାହିଁ । ଅଲ୍ଲାଃତାଲା ଯାହା ମନସ୍ଥ କରିସାରିଛନ୍ତି ତାହା ନିଶ୍ଚିତ ରୂପେ ପୂରଣ ହେବ । କାରଣ ଅଲ୍ଲାଃ ପୂର୍ବରୁ ହିଁ ବରାହିନେ ଅହେମଦିୟାରେ କହିସାରିଛନ୍ତି **ସଦକଲ୍ଲାହୁ ଓ୍ୱ ରସୁଲହୁ ଓ୍ୱ କାନା ଓ୍ୱଦାମ୍ ମଫ୍‌ଉଲା** ଅର୍ଥାତ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ କଥା ସତ୍ୟ ପ୍ରମାଣିତ ହେଲା ଓ ତାଙ୍କ ପ୍ରତିଶୃତି ପୂରଣ ହେଲା । ଆଉ ଏକ ସ୍ଥାନରେ ଆପଣ କୁହନ୍ତି-

ନବୁଓ୍ୱତ୍‌ର ମାର୍ଗରେ ଏହି ଜମାଅତର ପରୀକ୍ଷା କର ଏବଂ ତାପରେ ଦେଖ ସତ୍ୟ କାହା ସହିତ ରହିଛି । କଳ୍ପନା ଓ ପରାମର୍ଶରେ କିଛି ହାସଲ ହେବ ନାହିଁ ଏବଂ ନା ମୁଁ କୌଣସି କଳ୍ପନା ଓ ଯୋଜନା ଆଧାରରେ ନିଜ ସତ୍ୟବାଦୀ ହେବା ଦର୍ଶାଉଅଛି । **ମୁଁ ନିଜ ଘୋଷଣାକୁ ନବୁଓ୍ୱତ୍‌ର ମାର୍ଗରେ ଉପସ୍ଥାପନ କରୁଅଛି ତେବେ କେଉଁ କାରଣରୁ ତୁମେ ଏହି ନିୟମ ଅନୁଯାୟୀ ମୋର ପରୀକ୍ଷା କରୁ ନାହଁ** । ଆପଣ କୁହନ୍ତି ଯେ ମୁକ୍ତ ହୃଦୟର ସହ ମୋ କଥା ଶୁଣିବ ମୁଁ ବିଶ୍ୱାସ ରଖୁଅଛି କି ସେମାନେ ନିଶ୍ଚିତ ରୂପେ ଉପକୃତ ହେବେ ଏବଂ ସ୍ୱୀକାର କରିନେବେ କିନ୍ତୁ ଯାହାଙ୍କ ହୃଦୟ କୃପଣତା ଓ ମଳିନତା ଭରି ରହିଛି ସେମାନେ ମୋ କଥାରୁ କୌଣସି ଉପକାର ଲାଭ କରିପାରିବେ ନାହିଁ ।

ଆପଣ କୁହନ୍ତି ପ୍ରତ୍ୟେକ ସତ୍‌ପଥ ପ୍ରାପ୍ତ କରିବାର ଅଭିଳାଷୀର କର୍ତବ୍ୟ କି ସେ ଆମକୁ ଆମ ଘୋଷଣାର ପ୍ରମାଣ ମାଗନ୍ତୁ । ଏଥିନିମନ୍ତେ ଆମେ ସେହି ତଥ୍ୟ ଉପସ୍ଥାପନ କରିବୁ ଯାହାକି ଅବତାରମାନେ କରୁଥିଲେ । **କୁରଆନ, ହଦିସ୍ ଓ ସ୍ୱୀକାର ଯୋଗ୍ୟ ପ୍ରମାଣ ଭିତିରେ ଅର୍ଥାତ ବର୍ତମାନର ଆବଶ୍ୟକତା ଯାହାକି ସୁଧାରକ ନିମନ୍ତେ ଅପରିହାର୍ଯ୍ୟ** । ପୁଣି ସେହି ନିଦର୍ଶନ ଯାହାକି ଅଲ୍ଲାଃତାଲା ମୋ ଦ୍ୱାରା ପ୍ରକାଶିତ କଲେ । ମୁଁ ତାହାର ଏକ ନକ୍ସା ତିଆରି କରିଛି । ତାହା ପାଖାପାଖି ୧୫୦ ଗୋଟି (ନିଦର୍ଶନ) ହେବ ଯାହାର କୋଟି କୋଟି ଲୋକ ସାକ୍ଷୀ ଅଛନ୍ତି । ମନ୍ଦକଥା ଉପସ୍ଥାପନ କରିବା ଉତମ ପୁରୁଷମାନଙ୍କ କାର୍ଯ୍ୟ ନୁହେଁ

ଏଥିଯୋଗୁଁ ହଜରତ ମହମ୍ମଦ ସ.ଆ କହିଥିଲେ କି ମସିହ ନ୍ୟାୟ ବିଚାରକ ହୋଇ ଆସିବେ । ଯେଉଁମାନଙ୍କ ହୃଦୟରେ ଅପଚିନ୍ତା ରହିଥାଏ ଏବଂ ସେମାନେ ଅସ୍ୱୀକାର କରିବାର ମନସ୍ଥ କରିଆସିଥାନ୍ତି ସେହିମାନେ ହିଁ ଅଯଥା ଯୁକ୍ତି ଓ ଆପତି କରିବା ଆରମ୍ଭ କରିଦେଇଥାନ୍ତି । କିନ୍ତୁ ସେମାନେ ମନେରଖିବା ଉଚିତ୍ ଯେ ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଅତ୍ୟନ୍ତ ଭବ୍ୟତାର ସହିତ ମୋ ସତ୍ୟତାକୁ ପ୍ରକାଶିତ କରିଦେବେ । ମୁଁ ବିଶ୍ୱାସ ରଖୁଅଛି କି ଯଦି ମୁଁ ମିଥ୍ୟା କହୁଥାଏ ତେବେ ସେ ମୋତେ ସଙ୍ଗେସଙ୍ଗେ ଧ୍ୱଂସ କରିଦେଇଥାନ୍ତେ କିନ୍ତୁ ମୋର ସମସ୍ତ କାର୍ଯ୍ୟ ତାଙ୍କରି କାର୍ଯ୍ୟ ଅଟେ ଏବଂ ମୁଁ ତାଙ୍କରି ନିକଟରୁ ଆସିଅଛି । **ମୋର ଅମାନ୍ୟ କରିବା ତାଙ୍କର ଅମାନ୍ୟ କରିବା ଅଟେ । ସୁତରାଂ ସେ ସ୍ୱୟଂ ମୋର ସତ୍ୟତାର ପରିପ୍ରକାଶ କରିଦେବେ ।**

ହଜରତ ମସିହ ମଉଦ ଆ.ସଙ୍କ ଅମାନ୍ୟ କଲେ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟ ହୋଇଥାଏ ଏହି କଥାକୁ ଅଧିକ ସ୍ପଷ୍ଟ କରି ହଜୁର ଆ.ସ କୁହନ୍ତି- ମସିହ ମଉଦଙ୍କର ଅମାନ୍ୟ

କରିବା ଦ୍ୱାରା ହଜରତ ମହମ୍ମଦ ସ.ଆଙ୍କର କିଭଳି ଅମାନ୍ୟ ହୋଇଥାଏ ? ଏହିପରି କି ଆପଣ ଯେଉଁ ପ୍ରତିଶୃତି କରିଥିଲେ, ପ୍ରତ୍ୟେକ ଶତାବ୍ଦୀରେ ଜଣେ ସୁଧାରକ ଆସିବେ ଅଲ୍ଲାଃ କ୍ଷମା କରନ୍ତୁ ତାହା ମିଥ୍ୟା ପ୍ରମାଣିତ ହେଉଅଛି । ପୁଣି ହଜୁର ସ.ଆ **ଇମାମକୁମ୍ ମିନ୍‌କୁମ୍**ର ଶବ୍ଦ ପ୍ରୟୋଗ କରିଥିଲେ ତାହା ମଧ୍ୟ ଅଲ୍ଲାଃ କ୍ଷମା କରନ୍ତୁ ମିଥ୍ୟା ପ୍ରମାଣିତ ହେଉଅଛି । ସଲିବ୍‌ର ବିଭ୍ରାଟ ସମୟରେ ଜଣେ ମସିହ ଓ ମେହେଦିଙ୍କ ଆଗମନର ହଜୁର ସ.ଆ ସୁସମ୍ବାଦ ଦେଇଥିଲେ ତାହା ମଧ୍ୟ ଅଲ୍ଲାଃ କ୍ଷମା କରନ୍ତୁ ମିଥ୍ୟା ପ୍ରମାଣିତ ହେଉଅଛି । କାରଣ ବିଭ୍ରାଟ ଓ ବିଶୃଙ୍ଖଳା ତ ରହିଛି କିନ୍ତୁ ଆଗମନକାରୀ ଏପର୍ଯ୍ୟନ୍ତ ଆସିଲେ ନାହିଁ । ବର୍ତମାନ ଏକଥାଗୁଡ଼ିକୁ ଯେ (ବାସ୍ତବରେ) ସ୍ୱୀକାର କରିବ ତେବେ ସେ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟକାରୀ ସାବ୍ୟସ୍ତ ହେବ ନା ନାହିଁ ?

ହଜୁର ଆ.ସ କହିଲେ ମୁଁ କୋରାନ ଓ ହଦିସ୍‌ର (କହିବା ଅନୁଯାୟୀ) ଆସିଅଛି । ମୁଁ ପଥଭ୍ରଷ୍ଟ ନୁହେଁ ବରଂ ମେହେଦି ଅଟେ । ମୁଁ ଅମାନ୍ୟକାରୀ ନୁହେଁ ବରଂ **ଅନା ଅଓ୍ୱଲୁଲ୍ ମୁମିନିନ୍**ର ଦୃଷ୍ଟାନ୍ତ ଅଟେ ଏବଂ ଯାହାକିଛି ମୁଁ କହୁଅଛି ତାହା ଅଲ୍ଲାଃ ମୋ ଉପରେ ପ୍ରକାଶ କରିଛନ୍ତି କି ସେସବୁ ସତ୍ୟ ଅଟେ । ଯାହାର ଅଲ୍ଲାଃଙ୍କ ଉପରେ ଆସ୍ଥା ଅଛି ଯେ ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆଙ୍କୁ ସତ୍ୟବାଦୀ ସ୍ୱୀକାର କରୁଅଛି ତାହା ପାଇଁ ଏହି ପ୍ରମାଣ ଯଥେଷ୍ଟ କି ସେ ମୋ ମୁଖରୁ ଶୁଣିବା ପରେ ନିରବ ହୋଇଯାଉ କିନ୍ତୁ ଯେ ଦୁଷ୍ଟ ଓ ନିର୍ଲଯ ତାହାର ଉପଚାର ସ୍ୱୟଂ (ଅଲ୍ଲାଃ) କରିବେ ।

ଅତଃ ଯଦି ସେହି ଲୋକମାନଙ୍କ ହୃଦୟରେ କୃପଣତା ଓ ଜିଦ୍‌ଖୋର ପ୍ରବୃତି ନାହିଁ ତେବେ ସେମାନେ **ମୋ କଥା ଶୁଣିବା ପରେ ମୋର ଅନୁଗାମୀ ହୋଇ ଦେଖନ୍ତୁ କି ଅଲ୍ଲାଃତାଲା ସେମାନଙ୍କୁ ଅନ୍ଧାରରେ ଛାଡ଼ିଦେଉଛନ୍ତି ନା ପ୍ରକାଶକୁ ଟାଣି ଆଣୁଛନ୍ତି** ? ମୁଁ ବିଶ୍ୱାସ ରଖୁଅଛି କି ଯେ ଧର୍ଯ୍ୟ ଓ ନିଷ୍ଠାର ସହିତ ମୋ ଆନୁଗତ୍ୟ ସ୍ୱୀକାର କରିବ ସେ ଧ୍ୱଂସ କରାଯିବ ନାହିଁ ବରଂ ସେ ଏହି ଇହକାଳରୁ ହିଁ ଏପରି ଜୀବନର ଅଂଶୀଦାର ହେବ ଯାହାର କୌଣସି ଅନ୍ତ ନାହିଁ । ଆପଣ କୁହନ୍ତି- ଯାହାର ହୃଦୟ ସ୍ୱଚ୍ଛ ଏବଂ ସେ ଅଲ୍ଲାଃଙ୍କୁ ପ୍ରାପ୍ତ କରିବାର ଅଭିଳାଷୀ ତାହା ସମ୍ମୁଖରେ ପୁନର୍ବାର ଆସିବା ସମ୍ବନ୍ଧରେ ମୁଁ ହଜରତ ଈଶାଙ୍କର ନିଷ୍ପତି ରଖୁଅଛି । ସେ ମୋତେ ବୁଝାଇ ଦିଅନ୍ତୁ କି ୟହୁଦିମାନଙ୍କ ପ୍ରଶ୍ନ, ମସିହର ଆଗମନ ପୂର୍ବରୁ ଇଲିୟା ନବୀ ଆସିବା ଅନିବାର୍ଯ୍ୟ ଥିଲା, ତାହାର ଉତରରେ ମସିହ ଯାହକିଛି କହିଲେ ତାହା ଠିକ୍ ଥିଲା ନା ଭୂଲ ?

ହଜୁର ଆ.ସ କୁହନ୍ତି ଈଶାଇମାନେ କହୁଛନ୍ତି ଆଗମନକାରୀ ଯୋହନ୍ନା ଅଟେ ଇଚ୍ଛା କଲେ ସ୍ୱୀକାର କର । ଜଣେ ମୋମିନ୍ ଯେ ଅଲ୍ଲାଃଙ୍କ ଉପରେ ଆସ୍ଥା ରଖିଥାଏ ଏବଂ ଜାଣିଥାଏ ଅଲ୍ଲାଃଙ୍କ ଅବତାରମାନେ କିଭଳି ଆସିଥାନ୍ତି, ସେ ମସିହଙ୍କ ସହ ପୂର୍ଣ୍ଣ ଏକମତ ପ୍ରକାଶ କରିବ କି ସେ ଯାହା କହିଥିଲେ ଓ କରିଥିଲେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ସଠିକ୍ ଥିଲା । ଆପଣ କୁହନ୍ତି ବର୍ତମାନ କୁହତ ସେହି ସମାନ ମାମଲା ନା ଅନ୍ୟକିଛି ? ଯଦି (ହୃଦୟରେ) ଈଶ୍ୱରଭୟ ରଖୁଥାଅ ତେବେ ଏକଥା କହିବାକୁ ସାହସ କରିବାରେ ହିଁ ତୁମର ଶରୀର ଥରି ଉଠିବ ମୋର ଏହି ଘୋଷଣା ମିଥ୍ୟା ଅଟେ । ଦୁଃଖଦ କି ଏହି ଲୋକମାନଙ୍କ ମଧ୍ୟରେ ଏତିକି ମଧ୍ୟ ବିଶ୍ୱାସ ନାହିଁ ଯେପରିକି ଫିରଓ୍ୱନ୍ ସମ୍ପ୍ରଦାୟର ସେହି ବ୍ୟକ୍ତିର ଥିଲା, ଯେ କହିଥିଲା କି ଯଦି ଈଶା ମସିହ ମିଥ୍ୟାବାଦୀ ତେବେ ସେ ଆପେ ଧ୍ୱଂସ ହେବ । ମୋ ସମ୍ବନ୍ଧରେ ଯଦି ଈଶ୍ୱରଭୟର ସହିତ କାମ ନେଇଥାନ୍ତ ତେବେ ସେହିପରି (ମତ ପ୍ରକାଶ) କରିଥାନ୍ତ ଏବଂ ଦେଖିଥାନ୍ତ କି କ'ଣ ଅଲ୍ଲାଃ ମୋ ସହ ସାହାଯ୍ୟ ସହଯୋଗର ଆଚରଣ କରୁଛନ୍ତି ନା ମୋ ଜମାଅତର ସର୍ବନାଶ କରୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ ସେହି ସ୍ୱର ଯାହାକି ଗୋଟିଏ ଛୋଟ ବସ୍ତିରୁ ଗୁଞ୍ଜରିତ ହୋଇଉଠିଥିଲା ସଂସାରର ୨୧୦ ଗୋଟି ଦେଶରେ ପ୍ରସାରିତ ହୋଇସାରିଲାଣି ଏବଂ ଏହା ହିଁ ଆପଣଙ୍କ ସତ୍ୟବାଦୀ ହେବାର ପ୍ରମାଣ ଅଟେ । ଦୂରଦୂରାନ୍ତର ଅଂଚଳ ଯେଉଁଠାରେ ୩୦/୪୦ ବର୍ଷ ପୂର୍ବେ ଅହେମଦିୟତ୍‌ର ବାର୍ତା ପହଂଚିବା ଅସମ୍ଭବ ଥିଲା ସେହି ସ୍ଥାନମାନଙ୍କରେ କେବଳ ବାର୍ତା ପହଂଚି ନାହିଁ ବରଂ ସେଠାରେ ଅଲ୍ଲାଃ ଏଭଳି ଦୃଢ ବିଶ୍ୱାସୀ (ଅହେମଦି) ପ୍ରଦାନ କରୁଛନ୍ତି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଏହିପରି ଗୋଟିଏ ଘଟଣା ବର୍ଣ୍ଣନା କରୁଅଛି ।

ବେନିନ୍‌ରେ ୨୦୧୨ ମସିହାରେ ଗୋଟିଏ ଜମାଅତ ପ୍ରତିଷ୍ଠା ହେଲା । ସେଠାକାର ଇବ୍ରାହିମ୍ ସାହେବ ଅହେମଦିୟତ୍ ସ୍ୱୀକାର କଲେ । ତାପରେ ସେ ବିଶ୍ୱାସ ଓ ନିଷ୍ଠାରେ ଏଭଳି ଉନ୍ନତି କଲେ କି ନିଜ ସମ୍ପର୍କୀୟମାନଙ୍କ ମଧ୍ୟରେ ପ୍ରଚାର କରିବା ଆରମ୍ଭ କରିଦେଲେ । ତାଙ୍କ ବଡ଼ ଭାଇ ତାଙ୍କ ପ୍ରଚାରରେ ଅତିଷ୍ଟ ହୋଇ ତାଙ୍କ ସହ କଳି କରିବା ଆରମ୍ଭ କରିଦେଲେ କିନ୍ତୁ ସେ ପ୍ରଚାର କାର୍ଯ୍ୟ ଅବ୍ୟାହତ ରଖିଲେ ଏବଂ ତାଙ୍କ ପ୍ରଚେଷ୍ଟାରେ ଆଖପାଖ ଅଂଚଳର ତିନି ଗୋଟି ଗ୍ରାମ ଅହେମଦିୟତ୍‌ରେ ସାମିଲ ହୋଇଗଲେ । ଏଥିରେ ତାଙ୍କ ଭାଇ ନିଜର ଜଣେ ବନ୍ଧୁଙ୍କ ସହ ମିଳିତ ଭାବରେ ତାଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କଲେ । ଇବ୍ରାହିମ୍ ସାହେବ କୁହନ୍ତି, ମୁଁ ସ୍ୱପ୍ନ ଦେଖିଲି କି ମୋ ଭାଇ ନିଜ ବନ୍ଧୁଙ୍କ ସହ ମିଶି ଏକ ଗାତ ଖୋଳି ସେଥିରେ କିଛି ପକାଉଛନ୍ତି । ସ୍ୱପ୍ନ ଦେଖିବାର ତିନି ଦିନପରେ ଉକ୍ତ ବନ୍ଧୁ ଜଣକ ହଠାତ୍ ରୋଗରେ ପିଡ଼ିତ ହୋଇ ମୃତ୍ୟୁ ବରଣ କଲେ । ଏଥିରେ ତାଙ୍କ ଭାଇ କହିବା ଆରମ୍ଭ କରିଦେଲେ କି ଇବ୍ରାହିମ୍ କିଛି ଯାଦୁ କରି ମୋ ସାଥିକୁ ମାରି ଦେଇଛି । କିଛି ଦିନପରେ ପୁନଃ ଇବ୍ରାହିମ୍ ସାହେବ ସ୍ୱପ୍ନରେ ଦେଖିଲେ କି ତାଙ୍କ ଭାଇ ଗୋଟିଏ ବୃକ୍ଷ ସହ ସଲଗ୍ନ ହୋଇ ନିଜକୁ ମାପୁଛନ୍ତି । ସେହି ଅଂଚଳରେ ଏହି ପ୍ରଥା ପ୍ରଚଳିତ କି ଯଦି କେହି ମରିଯାନ୍ତି ତେବେ କବର ଖୋଳିବା ନିମନ୍ତେ ବୃକ୍ଷର ବକଳ ଦ୍ୱାରା ମୃତକକୁ ମାପି ତାହା Sizeର କବର ପ୍ରସ୍ତୁତ କରାଯାଏ । ସେ କୁହନ୍ତି କିଛି ଦିନପରେ ଭାଇଙ୍କ ଗର୍ଭବତୀ ପତ୍ନୀ ରୋଗରେ ପଡ଼ିଲେ ଏବଂ ଦୁଇ ଦିନ ମଧ୍ୟରେ ଦେହତ୍ୟାଗ କଲେ । ତାଙ୍କ ଭାଇ ପ୍ରଚାର କରିଦେଲେ କି ଇବ୍ରାହିମ୍ ଯାଦୁ କରୁଅଛି ଏବଂ ସେଠାକାର ସ୍ଥାନୀୟ ମୂଖ୍ୟଙ୍କ ନିକଟରେ ତାଙ୍କ ବିରୋଧରେ ଅଭିଯୋଗ କରି ନିଜର ସାହାଯ୍ୟ କରିବାକୁ କହିଲେ । ସେ ତାଙ୍କୁ କିଛି ଅର୍ଥ (ଲାଂଚ) ମାଗିଲା କି ଏତେ ଟଙ୍କା ନେଇ ଆସ ମୁଁ ତାହାର ବିଚାର କରୁଛି । ତାଙ୍କ ଭାଇ ଉକ୍ତ ରାଶି ମଧ୍ୟ ପ୍ରଦାନ କଲେ ଏଥିରେ Cheaf ଇବ୍ରାହିମ ସାହେବଙ୍କୁ ଡ଼ାକି ଅତ୍ୟନ୍ତ କ୍ରୋଧରେ କହିଲେ ଏସବୁ ତୁମେ କି ତାମସା ଚଲାଇଛ ? କ'ଣ ଗୋଟିଏ ନୂତନ ଧର୍ମ ଗ୍ରହଣ କରିଛ । ତାହାକୁ ସଙ୍ଗେସଙ୍ଗେ ଛାଡ଼ ଏବଂ ତୌବା କର ନଚେତ୍ ତୁମେ କାଲିର ସୂର୍ଯ୍ୟ ଉଇଁବା ଦେଖିପାରିବ ନାହିଁ । ଇବ୍ରାହିମ ସାହେବ କହିଲେ ମୁଁ ଅହେମଦିୟତ୍‌କୁ ସତ୍‌ଧର୍ମ ଜାଣି ସ୍ୱୀକାର କରିଛି । ତାହାକୁ ତ ମୁଁ ଛାଡ଼ିପାରିବି ନାହିଁ ବାକି ରହିଲା ମରିବା କଥା ତେବେ ବଂଚିବା ଓ ମରିବା ଅଲ୍ଲାଃଙ୍କ ହାତରେ ରହିଛି । ଏଥିରେ Cheaf କହିଲେ ଏହି ଅଂଚଳର ଈଶ୍ୱର ମୁଁ ଅଟେ ଏବଂ ମୁଁ ଯାହା ଚାହିଁବି ତାହା କରିବି ତୁମେମାନେ ଏକଥା ଭଲକରି ଜାଣିଛ ମୁଁ କ'ଣ ନିଷ୍ପତି ଦେବାକୁ ଯାଉଅଛି ଏବଂ ଯାହା ସମ୍ବନ୍ଧରେ ମୁଁ କହିଦିଏ କି ସେ କାଲିର ସୂର୍ଯ୍ୟ ଦେଖିବ ନାହିଁ ତେବେ ତାହାର ମରିବା ସୁନିଶ୍ଚିତ । ଇବ୍ରାହିମ ସାହେବ କହିଲେ ଠିକ୍ ଅଛି ତୁମେ ଏପରି କହୁଥିବ କିନ୍ତୁ ମୁଁ ତୁମକୁ ଏଥିସମ୍ବନ୍ଧରେ କିଛି କହୁ ନାହିଁ । କିନ୍ତୁ ମୁଁ ଧର୍ମ ତ୍ୟାଗ କରିବି ନାହିଁ କାରଣ ଏହା ପ୍ରକୃତ ଓ ସଠିକ୍ ଇସଲାମ (ଧର୍ମ) ଅଟେ । ଏଥିରେ ସେ ଅଧିକ ଉତ୍ୟକ୍ତ ହୋଇଉଠିଲେ ଏବଂ କହିଲେ ଆଙ୍କୁ କୋଠରିରେ ବନ୍ଦ କରିଦିଅ । ଇବ୍ରାହିମ ସାହେବ କହିଲେ ସେମାନଙ୍କୁ କହିଲେ ତୁମେ ଆମ ମଧ୍ୟରେ ପଡ଼ ନାହିଁ ବରଂ ଏହି ମାମଲାକୁ ଛାଡ଼ିଦିଅ । ସେଯାହା ହେଉ ସେମାନେ ଲୋଭି ଲୋକ ଅଟନ୍ତି କିଛି ଟଙ୍କା ନେଇ ସେମାନେ ତାଙ୍କୁ ଛାଡ଼ିଦେଲେ । ଆସନ୍ତା ଦିନ ଖବର ମିଳିଲା Cheaf **ପକ୍ଷାଘାତ (ରୋଗରେ) ଆକ୍ରାନ୍ତ ହୋଇଯାଇଛନ୍ତି ଏବଂ ତାଙ୍କର କୌଣସି ହରକତ କରିବାର ସାମର୍ଥ୍ୟ ନାହିଁ ଏବଂ ମାତ୍ର ଦୁଇ ଦିନରେ ସେ ସେପୁରକୁ ଚାଲିଗଲେ** । ଏହା ଦେଖି ତାଙ୍କ ବଡ଼ ଭାଇ ଯେ ତାଙ୍କ ବିରୋଧି ଥିଲେ ତାଙ୍କ ପରିବାର ଲୋକଙ୍କୁ କହିଲେ ଆମ ମଧ୍ୟରେ ସନ୍ଧି କରାଇଦିଅ । ଏଥିରେ ଇବ୍ରାହିମ୍ ସାହେବ କହିଲେ ମୋର ତ କାହା ସହିତ ଝଗଡ଼ା ହିଁ ନଥିଲା, ଆମେ ତ ଏମିତି ସନ୍ଧି ପସନ୍ଦ କରିଥାଉ ଏବଂ ଏହା ହିଁ ଇସଲାନର ପ୍ରକୃତ ବାର୍ତା ଅଟେ । ଉକ୍ତ ନିଦର୍ଶନ ସେହି ଅଂଚଳରେ ବେଶ୍ ପ୍ରଭାବ ପକାଇଲା ଏବଂ ଅହେମଦିୟତ୍‌ର ସତ୍ୟତା ପ୍ରତିପାଦିତ ହେଲା । ତେବେ ଏସବୁ ଆଜି ମଧ୍ୟ ଅଲ୍ଲାଃଙ୍କ କୃପାରୁ ହଜରତ ମସିହ ମଉଦ ଆ.ସଙ୍କ ସମର୍ଥନରେ ପ୍ରମାଣିତ ହେଉଅଛି । ହଜରତ ମସିହ ମଉଦ ଆ.ସ କୁହନ୍ତି-

ଦେଖ ମୁଁ ଅଲ୍ଲାଃତାଲାଙ୍କ ପ୍ରତିଜ୍ଞା କରି କହୁଅଛି ସହସ୍ର ନିଦର୍ଶନ ମୋ ସପକ୍ଷରେ ପ୍ରକାଶିତ ହେଲା ଏବଂ ହୋଇଚାଲିଛି ଏବଂ ଭବିଷ୍ୟତରେ ମଧ୍ୟ ହେବ ଏପରି ନୁହେଁ କି ତାହା ବନ୍ଦ ହୋଇଗଲା । ଯଦି ଏସବୁ ମଣିଷର ଯୋଜନା ହୋଇଥାନ୍ତା ତେବେ ଏଭଳି ମୋର ସାହାଯ୍ୟ ସହଯୋଗ କଦାପି ହୋଇନଥାନ୍ତା । ଏସବୁ ଅଲ୍ଲାଃଙ୍କ ଯୋଜନା ଯାହାର ଫଳସ୍ୱରୁପ ମୋର ସମର୍ଥନ ହେଉଅଛି ।

ହଜରତ ମସିହ ମଉଦ ଆ.ସ କେତେକ ଲୋକଙ୍କ ଆପତି ଅର୍ଥାତ ଆମେ ଇସଲାମର ଶିକ୍ଷା ମୁତାବକ ଅମଳ କରୁଅଛେ ଏବଂ ପୂର୍ବରୁ ଇସଲାମ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇସାରିଛି ତାପରେ ଆଉ ଏକ ନୂତନ ଜମାଅତ ଗଠନ କରିବାର ଆବଶ୍ୟକତା କ'ଣ ଥିଲା ଏବଂ ଆପଣଙ୍କ ଜମାଅତରେ ସାମିଲ ହେବାର ଆବଶ୍ୟକତା କ'ଣ ଅଛି ? ଉତର ଦେଇ କୁହନ୍ତି ସେମାନେ ଏଭଳି (ସରଳ ଲୋକଙ୍କୁ) ଭ୍ରମିତ କରିଥାନ୍ତି ଏବଂ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ କି କିଛି ଅଜଣା ଲୋକ ଏପରି କଥା ଶୁଣି ଭ୍ରମିତ ମଧ୍ୟ ହୋଇଯାଇଥାନ୍ତି । ଆପଣ କୁହନ୍ତି (ମନରେ) ଏପରି ପ୍ରଶ୍ନ ଅଜ୍ଞାନତା ଓ ପୂର୍ଣ୍ଣ ଧାରଣା ନଥିବା ଯୋଗୁଁ ଉତ୍ପନ୍ନ ହୋଇଥାଏ । ଏହା ମୋର ବ୍ୟକ୍ତିଗତ କାର୍ଯ୍ୟ ନୁହେଁ ନା ମୁଁ (ନିଜ ଇଚ୍ଛାରେ) ଏହି ସମ୍ପ୍ରଦାୟ ଗଠନ କରିଛି । **ଏହା ଅଲ୍ଲାଃଙ୍କ ଦ୍ୱାରା ସଂସ୍ଥାପିତ କାରଣ ବିଶ୍ୱାସର ଅବସ୍ଥା ଦୁର୍ବଳ ହୋଇ ଏପରି ସ୍ଥଳେ ପହଂଚି ଯାଇଛି କି ଯେପରି ତାହାର ପୂର୍ଣ୍ଣ ବିଲୟ ଘଟିଛି ଏବଂ ଅଲ୍ଲାଃ ପ୍ରକୃତ ବିଶ୍ୱାସର ଆତ୍ମା ଏହି ଜମାଅତ ମାଧ୍ୟମରେ ଫୁଙ୍କିବାକୁ ଚାହୁଁଛନ୍ତି** । ଏଭଳି ସ୍ଥଳେ ସେମାନଙ୍କର ଏପରି ପ୍ରଶ୍ନ କରିବା ନିରର୍ଥକ ଓ ଅସଭ୍ୟ ନୁହେଁ ? ନିଃସନ୍ଦେହ ମୁସଲମାନମାନେ ଅମଳ ତ କରୁଛନ୍ତି କିନ୍ତୁ ସେଥିରେ ଆତ୍ମା ଅର୍ଥାତ ଧର୍ମପରାୟଣତା ନାହିଁ । ଆପଣ କୁହନ୍ତି ଯଦି ମୁସଲମାନମାନଙ୍କ ଅମଳ ଉତମ ଅମଳ ଅଟେ ତେବେ ତାହାର ଉତମ ପରିଣତି କାହିଁକି ପ୍ରକାଶିତ ହେଉ ନାହିଁ ।

ମସିହ ମଉଦଙ୍କ ଆଗମନର ଉଦ୍ଦେଶ୍ୟ ବାହ୍ୟ ଓ ଅନ୍ତଃ ବିଭ୍ରାଟ ଓ ଆକ୍ରମଣରୁ ଇସଲାମକୁ ରକ୍ଷା କରିବା ଅଟେ ଏବଂ ହଜରତ ମହମ୍ମଦ ସ.ଆ ମଧ୍ୟ ଏହି ଖବର ଦେଇଥିଲେ ଏହାର ସ୍ପଷ୍ଟିକରଣ କରି ହଜୁର ଆ.ସ କୁହନ୍ତି ହଜରତ ମହମ୍ମଦ ସ.ଆ ଅନ୍ତିମ ଯୁଗ ନିମନ୍ତେ ଖବର ଦେଇଥିଲେ କି ସେତେବେଳେ ଦୁଇ ପ୍ରକାରର ବିଭ୍ରାଟ ଦେଖାଯିବ । ଗୋଟିଏ ଅଭ୍ୟନ୍ତର ଓ ଅନ୍ୟଟି ବର୍ହି ଦେଶିୟ । ଅଭ୍ୟନ୍ତରର ବିଭ୍ରାଟ ଏପରି ପ୍ରକାଶ ପାଇବ କି ହଜରତ ମହମ୍ମଦ ସ.ଆଙ୍କ ପବିତ୍ର ହସ୍ତି ଉପରେ ମିଥ୍ୟା ଆରୋପ ଲଗାଯିବ ଏବଂ ଏହା ଆଜିର ଯୁଗରେ ବେଶ୍ ଅଧିକ ଘଟୁଅଛି ଏବଂ ସମସ୍ତ ପ୍ରକାରର ହୃଦୟବିଦାରକ ଆକ୍ରମଣରେ ଇସଲାମର ଅସମ୍ମାନ ଓ ତିରସ୍କାର କରିବାକୁ ଚେଷ୍ଟା କରାଯାଉଅଛି । ମସିହଙ୍କ ଈଶ୍ୱର ହେବାକୁ ପ୍ରମାଣିତ କରିବା ଓ ତାଙ୍କ ଅଭିଶପ୍ତ କୃଷବନ୍ଧ (ସଲିବି ଲାନତ୍) ଉପରେ ବିଶ୍ୱାସ ଆଣିବାକୁ ବିଭିନ୍ନ ସୁତ୍ରରେ ବାହାନା ଓ ଯୋଜନା ପ୍ରସ୍ତୁତ କରାଯିବ ।

ହଜୁର ଅନଓ୍ୱର ଅ.ବ କହିଲେ ସୁତରାଂ ଆମେ ଯେ କି ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଅଛେ ଆମର ଅଲ୍ଲାଃଙ୍କ ସହ ସମ୍ପର୍କ ଓ ଧର୍ମପରାୟଣତାର ସ୍ତର ଅନ୍ୟ ମୁସଲମାନମାନଙ୍କଠାରୁ ଉର୍ଦ୍ଧ୍ୱରେ ହେବା ଉଚିତ୍ । ଆମ ଅମଳ ଅନ୍ୟମାନଙ୍କ ତୁଳନାରେ ଉତମ

ହେବା ଉଚିତ୍ । ଆମ ଅମଲ ସର୍ବଦା ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଓ ସୁନ୍ଦର ହେବା ଉଚିତ୍

ଆପଣ କୁହନ୍ତି ଉତମ ଅମଲ କ'ଣ ଅଟେ ? ପବିତ୍ର କୋରାନ ଉପରେ ବିଶ୍ୱାସ ଆଣିବା ସହିତ ଉତମ ଅମଲ (କରିବାର) ନିର୍ଦ୍ଦେଶ ରହିଛି । ତେବେ ଉତମ ଅମଲ ତାହାକୁ କହିବା ଯାହା ମଧ୍ୟରେ ତିଳେ ହେଲେ ମଧ୍ୟ ବିଶୃଙ୍ଖଳା (ଗୁଣ) ନଥିବ । **ମନେରଖ ମଣିଷର ଅମଲ ପଛରେ ସର୍ବଦା ଚୋର ପଡ଼ିରହିଥାଏ** । କେଉଁ ପ୍ରକାର ଚୋର ? ତାହା ଲୋକଦେଖାଣିଆ କାର୍ଯ୍ୟ, ଅହଂକାର ଏବଂ ଅହଂକାର ଏହି କି ଯେ, ଜଣେ ଅମଲ କରି ମନେମନେ ଆନନ୍ଦିତ ହୋଇଥାଏ । କିସମ କିସମର ଅପକର୍ମ ଓ ପାପ ଯାହାକି ତାହା ଦ୍ୱାରା ଘଟିଥାଏ ସେଥିରେ ତାହାର ପୁଣ୍ୟକର୍ମ ନିରର୍ଥକ ହୋଇଯାଏ । ଆପଣ କୁହନ୍ତି ଉତମ ଅମଲ ଏହି କି ଯେ, ଯାହା ଭିତରେ ଅତ୍ୟାଚାର, ଅହଂକାର, ଲୋକଦେଖାଣିଆପଣ, ସର୍ବସାଧାରଣଙ୍କ ଅଧିକାର ଆତ୍ମସାତ କରିବା ଭାବନା ହିଁ ନଥିବ । ଯେପରିକି ପରକାଳରେ ମଣିଷ ଉତମ ଅମଳରୁ ନିବୃତ ରହିଥାଏ ସେହିପରି ସଂସାରରେ ମଧ୍ୟ (ବିପଦରୁ) ରକ୍ଷା ପାଇଥାଏ ଅର୍ଥାତ ପୁଣ୍ୟକର୍ମ ଦ୍ୱାରା ପରକାଳରେ ଜଣେ (ନର୍କ ଅଗ୍ନି)ରୁ ରକ୍ଷା ପାଇଥାଏ, ପୁଣି ପୁଣ୍ୟକର୍ମ ଦ୍ୱାରା ଅଲ୍ଲାଃ ପ୍ରଶନ୍ନିତ ହୋଇ ତାହାକୁ ପୁରସ୍କାର ମଧ୍ୟ ପ୍ରଦାନ କରିଥାନ୍ତି । ସେହିପରି ସଂସାରରେ ଯଦି ସତ୍‌କର୍ମ କରିବ ତେବେ ମଣିଷର ଅନେକ ସାଂସାରିକ ସମସ୍ୟା ଓ ଦୁଃଖଦୁର୍ଦ୍ଦଶା ଦୂର ହୋଇଥାଏ । **ଯଦି ପରିବାରରେ ମାତ୍ର ଜଣେ ସତ୍‌କର୍ମକାରୀ ରହିଥାଏ ତେବେ ସମ୍ପୂର୍ଣ୍ଣ ଘର (ବିପଦରୁ) ରକ୍ଷା ପାଇଯାଇଥାଏ** । ବର୍ତମାନ ତୁମେ କ୍ଷମାପ୍ରାର୍ଥନା କରୁଅଛ ତେବେ ଅଲ୍ଲାଃ ଆସନ୍ତାରେ ତୁମ ମଧ୍ୟରେ ଦେଖିବାକୁ ଚାହୁଁଛନ୍ତି କି ଏହି କ୍ଷମାପ୍ରାର୍ଥନା ଦ୍ୱାରା ତୁମେ ନିଜକୁ କିଭଳି ପବିତ୍ର କରିପାରିଛ । ସର୍ବଦା କ୍ଷମାପ୍ରାର୍ଥନା କରୁଥାଅ କାରଣ ମଣିଷ ସମସ୍ତ ପ୍ରକାରର ଅପକର୍ମ ତାହା ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷ, ତାହା ଜ୍ଞାତରେ ହେଉ ଅବା ଅଜ୍ଞାତରେ ନିଜ ଶରୀରର ସମସ୍ତ ଅଙ୍ଗ ହାତ, ପାଦ, ଜିଭ, ନାକ, କାନ ଓ ଆଖି ଆଦି ଦ୍ୱାରା ହେବାକୁ ଥିବା ଅପକର୍ମରୁ ନିବୃତ ରହିବା ନିମନ୍ତେ କ୍ଷମାପ୍ରାର୍ଥନା କରିବା ଉଚିତ୍ । ଆପଣ କୁହନ୍ତି ଆଜିକାଲି ହଜରତ ଆଦମ ଆ.ସଙ୍କ ଦୁଆ ପାଠ କରିବା ଉଚିତ୍ ଏବଂ ତାହା କେଉଁ ଦୁଆ ଅଟେ- **ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ଓ୍ୱ ଇଲ୍‌ଲମ୍ ତଗ୍‌ଫିର୍ ଲନା ଓ୍ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍** ଏହି ଦୁଆ ପ୍ରଥମରୁ ସ୍ୱୀକାର ହୋଇସାରିଛି । ନିଶ୍ଚିନ୍ତରେ ଜୀବନ ଅତିବାହିତ କରିବା ପରିହାର କର, ଯେଉଁ ବ୍ୟକ୍ତି ନିଶ୍ଚିନ୍ତରେ ଜୀବନ ଅତିବାହିତ କରିନଥାଏ କଦାପି ଆଶା କରାଯାଇ ପାରିବ ନାହିଁ କି ସେ କୌଣସି ବଡ଼ ଧରଣର ବିପଦର ସମ୍ମୁଖୀନ ହେବ । ଆପଣ କୁହନ୍ତି କୌଣସି ବିପଦ ଅଲ୍ଲାଃଙ୍କ ବିନା ଅନୁମତିରେ ଆସିନଥାଏ ଯେପରିକି ମୋତେ ଏହି ଦୁଆ ଭବିଷ୍ୟବାଣୀ ହେଲା କି **ରବ୍‌ବେ କୁଲ୍ଲୁ ଶଇନ୍ ଖାଦିମୁକା ରବ୍‌ବେ ଫାହ୍‌ଫଜ୍‌ନି ଓ୍ୱ ନ୍‌ସୁରନି ଓ୍ୱର୍‌ହମ୍‌ନି** ଆପଣ କୁହନ୍ତି ମୋର ବିଶ୍ୱାସ ସବୁକିଛି ଅଲ୍ଲାଃଙ୍କ ହାତରେ ଅଛି ସେ ତାହା କୌଣସି ମାଧ୍ୟମରେ କରନ୍ତୁ ଅବା ବିନାମାଧ୍ୟମରେ ତାହା ତାଙ୍କ ଉପରେ ନିର୍ଭର କରେ । ସେଥିନିମନ୍ତେ ଏହି ଦୁଆ ପାଠ କରିବା ଉଚିତ୍ ଓ ଏହି ଦୁଇଗୋଟି ଦୁଆ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ।

ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ନିଜ ନିଜର ନିରିକ୍ଷଣ କରିବା ଉଚିତ୍ । ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଛେ ତେବେ କ'ଣ ଆମେ ବୟତ କରିବାର କର୍ତବ୍ୟ ସମ୍ପାଦନ କରୁଅଛେ ? ଅଧିକାଂଶ ସର୍ବେକ୍ଷଣରୁ ଏହି କଥା ହସ୍ତଗତ ହୋଇଛି କି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ନମାଜ ମଧ୍ୟ ସଠିକ୍ ରୂପେ ସମ୍ପାଦନ କରୁ ନାହାଁନ୍ତି, ନା ଏଥିପ୍ରତି ସେମାନଙ୍କର ଧ୍ୟାନ ଅଛି । କ୍ଷମାପ୍ରାର୍ଥନା କରିବା ପ୍ରତି ତ କେତେକଙ୍କର ତିଳେ ମାତ୍ର ଧ୍ୟାନ ନାହିଁ । ପରସ୍ପର ପ୍ରତି ଥିବା କର୍ତବ୍ୟ ପ୍ରତି ଧ୍ୟାନ ନାହିଁ । ଯଦି ଏପରି ଅବସ୍ଥା ରୁହେ ତେବେ ଆମେ କିଭଳି କହିପାରିବା ଯେ, ଆମେ ପୁଣ୍ୟ କର୍ମ ସମ୍ପାଦନ କରୁଅଛେ ଓ ଆମେ ହଜରତ ମସିହ ମଉଦ ଆ.ସଙ୍କ ବୟତର କର୍ତବ୍ୟ ସମ୍ପାଦନ କରୁଅଛେ । ଅନ୍ୟମାନେ ହଜୁରଙ୍କୁ ଅସ୍ୱୀକାର କରି ତ ପାପର ଭାଗୀଦାର ହେଉଛନ୍ତି କିନ୍ତୁ ଆମେ ସ୍ୱୀକାର କରି ନିଜ ଭିତରେ ପରିବର୍ତନ ନଆଣି, ଗୋଟିଏ ପ୍ରତିଜ୍ଞା କରିବା ପରେ ତାହାର ଉଲଙ୍ଘନ କରି (ଅନୁରୂପ) ପାପ କରୁଅଛେ । ଅତଃ ଅତ୍ୟନ୍ତ ଚିନ୍ତାର ସହିତ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜର ଆତ୍ମମନ୍ଥନ କରିବା ଆବଶ୍ୟକ । ଅଲ୍ଲାଃତାଲା କରନ୍ତୁ କି ଆମେ କେବଳ ଚିରାଚରିତ ଭାବରେ ମସିହ ମଉଦଙ୍କ ଦିବସ ପାଳନ କରିବା ନାହିଁ ବରଂ ଆପଣଙ୍କୁ ସ୍ୱୀକାର କରିବାର କର୍ତବ୍ୟ ସମ୍ପାଦନକାରୀ ହେବା ଏବଂ ସମସ୍ତ ପ୍ରକାର ଅଭ୍ୟନ୍ତର ଓ ବାହ୍ୟ ବିଭ୍ରାଟରୁ ନିଜକୁ ନିବୃତ ରଖିବାକୁ ଚେଷ୍ଟା କରିବା । ଅଲ୍ଲାଃତାଲା ସର୍ବଦା ଆମକୁ ନିଜ ଶରଣରେ ସ୍ଥାନ ଦିଅନ୍ତୁ ଏବଂ ସମସ୍ତ ପ୍ରକାର ଅସୁବିଧା ଓ ବିପଦରୁ ରକ୍ଷା କରନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଗୋଟିଏ ଖୁସି ଖବର ମଧ୍ୟ ରହିଛି ଖବରକାଗଜ ଅଲହକମ୍ ଯାହାକି କାଦିଆନରୁ ପ୍ରକାଶିତ ହେଉଥିଲା, ଆଜିଠାରୁ ତାହା ଇଂଗ୍ରାଜୀ ଭାଷାରେ ଏଠାରୁ ପ୍ରକାଶିତ ହେବ । Print ଅଳ୍ପ ମାତ୍ରାରେ ଆସିବ କିନ୍ତୁ ଇଣ୍ଟରନେଟ୍‌ରେ ଏହା ଉପଲବ୍ଧ ହେବ ଏବଂ (ମୋ) ଖୁତବା ସରିବା ସଙ୍ଗେସଙ୍ଗେ ଓ୍ୱେବ୍‌ସାଇଟ www.alhakam.orgରେ ଏହା ହସ୍ତଗତ ହୋଇପାରିବ । ଏହିପରି Al-Hakam ନାମରେ ଆପ୍ ତିଆରି ହୋଇଛି ଯାହାକୁ ମୋବାଇଲ୍ ଫୋନ୍ ଓ ଟାବଲେଟ୍ ଆଦିରେ ଡ଼ାଉନ୍‌ଲୋଡ୍ କରି ସେଥିରେ ତାହା ସହଜରେ ପଢି ପାରିବେ । ଚଳିତ ପ୍ରକାଶନ ମସିହ ମଉଦ ଦିବସ ଉପଲକ୍ଷେ ଏହାର ସ୍ୱତନ୍ତ୍ର ସଂସ୍କରଣ ଅଟେ ଏବଂ ଆସନ୍ତାରେ ପ୍ରତି ଜୁମାଦିନ ଏହାର ନୂତନ ସଂସ୍କରଣ (ନେଟ୍‌ରେ) ଅପଲୋଡ୍ କରାଇ ଦିଆଯିବ । ସେଥିରୁ ଲୋକେ ଉପକୃତ ହୋଇପାରିବେ, ଅଲ୍ଲାଃଙ୍କ ନିକଟରେ ଦୁଆ କି ଏଥର ଏକାର ପ୍ରକାଶନ ସର୍ବଦା ଅବ୍ୟାହତ ରହିଥାଉ କାରଣ ଏହା ଇଂଗ୍ରାଜୀ ଭାଷାରେ ପ୍ରକାଶିତ ହେବ ତେଣୁ ଇଂଗ୍ରାଜୀ (ଭାଷା) ଜାଣିଥିବା ଲୋକମାନଙ୍କୁ ଅଧିକରୁ ଅଧିକ ଉପକୃତ ହେବା ଉଚିତ୍ ।

⌘⌘⌘⌘⌘⌘⌘⌘⌘⌘

## କର୍ମରେ ସୁଧାର ଆଣିବା ପାଇଁ ହୁଜୁର[ଅ.ବ]ଙ୍କ ୨୦ଗୋଟି ମହତ ବାଣୀ

**୧. ସାମୂହିକ ନମାଜ ପାଠ** : ପ୍ରତ୍ୟେକ ଅହମଦୀ ମସଜିଦ ବା ନମାଜ ସେଂଟରରେ ସାମୂହିକ ନମାଜ ପଢିବାର ଯୋଗାଡ଼ କରନ୍ତୁ । ଓହଦେଦାରମାନେ ନିଜର ଉତମ ଆଦର୍ଶ ଦେଖାନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ନମାଜ ପାଇଁ ସାଙ୍ଗରେ ନେଇ ଆସନ୍ତୁ ।

**୨. ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ଖୁତବା ଜୁମା** : ମସଜିଦ ବା ନମାଜ ସେଂଟରରେ ଏକତ୍ରିତ ହୋଇ ହୁଜୁର[ଅ.ବ]ଙ୍କ Live ଖୁତବା ଜୁମା ଶୁଣନ୍ତୁ ।

**୩.ଦରସ୍ :** ନମାଜ ଫଜର ପରେ ଦରସୁଲ୍ କୋରାନ ଏବଂ ନମାଜ ଅସର୍ ବା ମଗରିବ୍ ପରେ ଦରସୁଲ୍ ହଦିସ୍ ଅଥବା ମଲ୍‌ଫୁଜାତ୍ ଦେବାର ବନ୍ଦବସ୍ତ କରନ୍ତୁ ।

**୪. ଅଖବାର-ଏ-ବଦର୍ :** ପ୍ରତ୍ୟେକ ଘରେ ଅଖବାର-ଏ-ବଦର୍ କିଣି ତାକୁ ପଢନ୍ତୁ । ବିଶେଷ ଭାବେ ଖୁତବା ଜୁମା ଏବଂ ହୁଜୁର[ଅ.ବ]ଙ୍କ ଗସ୍ତଗୁଡ଼ିକର ବିବରଣୀ ନିଶ୍ଚିତ ପଢନ୍ତୁ ।

**୫. ସନ୍ତାନର ତରବିୟତ :** ନିଜ ଘରୁ ହିଁ ତରବିୟତ ଆରମ୍ଭ କରନ୍ତୁ । ବାପ-ମାଆମାନେ ନିଜ ପିଲାମାନଙ୍କ ପ୍ରତି ନିଶ୍ଚିତ ସମୟ ଦିଅନ୍ତୁ । ଘରେ ସବୁବେଳେ ଧାର୍ମିକ କଥା ଭାଷା ହୁଅନ୍ତୁ ।

**୬. ପବିତ୍ର କୋରାନର ତିଲାଓ୍ୱତ୍ :** ପ୍ରତିଦିନ ନମାଜ ଫଜର ପରେ ପବିତ୍ର କୋରାନର ତିଲାଓ୍ୱତ୍ କରନ୍ତୁ । ମାସକୁ ଅତି କମରେ ୧୫ ଦିନ ନିଶ୍ଚିତ ତିଲାଓ୍ୱତ୍ କରନ୍ତୁ ।

**୭. ସୁଖ ବୈବାହିକ ଜୀବନ :** ସ୍ୱାମୀ, ସ୍ତ୍ରୀର ବୈବାହିକ ଜୀବନ ସଂପର୍କ ଉତମ ରହିଲେ ହିଁ ଘର ସ୍ୱର୍ଗ ଭଳି ହୋଇଥାଏ ଏବଂ ପିଲାମାନଙ୍କ ଉପରେ ଏହାର ଭଲ ପ୍ରଭାବ ପଡ଼ିଥାଏ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅନାବଶ୍ୟକ ଓ ଅକାରଣରେ ଖୋଲା -ତଲାକ୍‌ର ଚିନ୍ତାଧାରାକୁ ସମାପ୍ତ କରନ୍ତୁ ।

**୮. ପର୍ଦ୍ଦାର ଆବଶ୍ୟକତା :** ମହିଳାମାନଙ୍କୁ ପର୍ଦ୍ଦା ଏବଂ ଲଜ୍ଜାଶୀଳ ବସ୍ତ୍ରଧାରଣ କରିବାକୁ ତାଗିଦ କରନ୍ତୁ । ଏବିଷୟରେ ପୁରୁଷମାନଙ୍କୁ ବି ବୁଝାଇବାର ଆବଶ୍ୟକତା ରହିଛି ।

**୯. ମଜଲିସ୍ ଶୁରାର ନିଷ୍ପତି ଅନୁଯାୟୀ କାର୍ଯ୍ୟକାରୀ :** ମଜଲିସ୍ ଶୁରାର ନିଷ୍ପତିଗୁଡ଼ିକୁ ସମ୍ମାନ ଦେଇ କାର୍ଯ୍ୟକାରୀ କରନ୍ତୁ ।

**୧୦. ସୋଶିଆଲ ମିଡ଼ିଆର ଲାଭ କ୍ଷତି ବିଷୟରେ ସଚେତନ:** ଇଂଟରନେଟ ଏବଂ ମୋବାଇଲର ଲାଭ ଓ କ୍ଷତି ବିଷୟରେ ପିଲାମାନଙ୍କୁ ଅବଗତ କରାଅ । ଅଭିଭାବକ ମାନେ ଅଶ୍ଳୀଳ ଟିଭି ଚ୍ୟାନେଲଗୁଡ଼ିକୁ ବନ୍ଦ କରିଦିଅନ୍ତୁ ।

**୧୧. ରୁହମାଉ ବୈନହୁମ୍ :** ଜମାତର ସଭ୍ୟମାନଙ୍କର ନିଜ ନିଜ ମଧ୍ୟରେ ପବିତ୍ର କୋରାନ ଆଦେଶାନୁଯାୟୀ ଏପରି ସଂପର୍କ ରଖିବା ଉଚିତ୍ କି ରୁହମାଉ ବୈନହୁମ୍ (ନିଜ ନିଜ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା) ଅନୁଯାୟୀ ହେବା ଉଚିତ୍ ।

**୧୨.ମାନ୍ୟକାରୀତା ଏବଂ ନମ୍ରତା :** ମାନ୍ୟକାରୀତାର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କର । ନିଜ ମଧ୍ୟରେ ନମ୍ରତା ସୃଷ୍ଟି କର ।

**୧୩. ମାନବ ସମାଜ ପ୍ରତି ସହାନୁଭୂତି :** ନିଜ ଅଧିକାର ଅପେକ୍ଷା ଅନ୍ୟର ଅଧିକାରକୁ ପ୍ରଥମେ ପୂରଣ କରିବା ଶିଖନ୍ତୁ ।

**୧୪. ଜମାତି ସଂସ୍ଥାର ସମ୍ମାନ :** ଜମାତି ସଂସ୍ଥାର ସମ୍ମାନ, କାଜି ନିଷ୍ପତିକୁ ମାନିବା । ଜମାତି କାର୍ଯ୍ୟାନୁଷ୍ଠାନ ଓ ଆଦେଶାବଳୀ ଉପରେ ଶୀଘ୍ର କାର୍ଯ୍ୟକାରୀ କରିବା ।

**୧୫. ଆର୍ଥିକ ତ୍ୟାଗ/ ଓ୍ୱସିୟତ୍ ସଂସ୍ଥା:** ଆର୍ଥିକ ତ୍ୟାଗ କରିବା କ୍ଷେତ୍ରରେ ବିଶେଷ ଭାବେ ଓ୍ୱସିୟତ୍ ସଂସ୍ଥାରେ ସାମିଲ ହେବା ।

**୧୬. ତରବିୟତୀ ଜଲସା କରିବା :** ତରବିୟତୀ ଜଲସା ବାରମ୍ବାର କରିବା ଉଚିତ୍ । ତରବିୟତୀ ଜଲସାଗୁଡ଼ିକରେ ତରବିୟତ ବିଷୟ ବସ୍ତୁ ଉପରେ ହଜରତ ମସିହ ମଉଦ[ଆ.ସ]ଙ୍କ ଉପଦେଶାବଳୀ ଯେପରି ବାପ-ମାଆଙ୍କ ପ୍ରତି କର୍ତବ୍ୟ, ପଡ଼ୋଶୀମାନଙ୍କ ସହ ସଦ୍‌ବ୍ୟବହାର କରିବା । ସତ କହିବା । ଅମାନତ୍‌ରେ ଆତ୍ମସାତ କରିବା ନାହିଁ । ରାଗ ରୋଷ ହେବା ନାହିଁ । ଆର୍ଥିକ ତ୍ୟାଗ କରିବା । ପବିତ୍ର କୋରାନର ତିଲାଓ୍ୱତ୍ କରିବା । ନିଜ ଜଲସାରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଡ଼ାକି ଆଣିବା ।

**୧୭. ଅନ୍ୟମାନଙ୍କ ସହ ବିବାହ ନକରିବା :** ଅନ୍ୟ ଧର୍ମାବଲମ୍ବୀ ବା ମତାବଲମ୍ବୀମାନଙ୍କ ସହ ବିବାହ କରିବାରୁ ବଂଚିତ ରହିବା ।

**୧୮. ଅଯଥା ଓ ଅନାବଶ୍ୟକ କଥାରୁ ଦୂରେଇ ରହିବା :** ନିଶାଯୁକ୍ତ କାର୍ଯ୍ୟରୁ , ଅନାବଶ୍ୟକ କର୍ମରୁ ଏବଂ ଖରାପ ସଙ୍ଗତୀରୁ ସଂପୂର୍ଣ୍ଣ ରୂପେ ବଂଚି ରହିବା ।

**୧୯. ଓ୍ୱଫାଏ ଖିଲାଫତ୍ :** ଖିଲାଫତ୍ ସହ ପ୍ରେମଭାବ ଓ ନିଷ୍ଠାଭାବର ସଂପର୍କ ସ୍ଥାପନ କରିବା ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍‌ର ବିଶ୍ୱସ୍ତ ଭାବେ ଗଢିବା ।

**୨୦. ଓ୍ୱହ୍‌ଦେଦାରମାନଙ୍କର କର୍ତବ୍ୟ :** ଓ୍ୱହ୍‌ଦେଦାର ଏବଂ ଇସଲାହୀ କମିଟିଗୁଡ଼ିକର କର୍ତବ୍ୟ ଯେ ଉକ୍ତ ଉପଦେଶାବଳୀକୁ ମାନି ଚଳିବା ପାଇଁ ଜମାତର ପ୍ରତ୍ୟେକ ଲୋକମାନଙ୍କୁ ବହୁତ ସ୍ନେହ ମମତା ସହ କାର୍ଯ୍ୟକାରୀ କରାଇବା । ସର୍ବ ପ୍ରଥମେ ପ୍ରତ୍ୟେକ ଓ୍ୱହ୍‌ଦେଦାର ନିଜେ ଭଲ ଆଦର୍ଶବାଦୀ ହୁଅନ୍ତୁ ଏବଂ ଯୁଗ ଖଲିଫାଙ୍କ ପ୍ରତ୍ୟେକ ଆଦେଶକୁ ମାନି ଚଳନ୍ତୁ ।

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ପ୍ରଶ୍ନ କଲେ କି ଜମାତ୍ ଅହେମଦୀୟା କେବେ ଓ କିପରି ଆରମ୍ଭ ହୋଇଥିଲା । ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅାଁ ହଜ୍‌ରତ୍ ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍‌ରେ ଏପରି ଏକ ସମୟ ମଧ୍ୟ ଆସିବ ଯେ ଇସ୍‌ଲାମ୍‌ର କେବଳ ନାମ ବାକି ରହିଯିବ । ଇସ୍‌ଲାମ୍‌ର ଶିକ୍ଷାଗୁଡିକୁ ଲୋକେ ଭୁଲିଯିବେ । ତା ଉପରେ ଅମଲ କରିବେ ନାହିଁ । ଯେତେବେଳେ ଏପରି ସମୟ ଆସିବ ଅଲ୍ଲାଃତାଲା ମୁସଲ୍‌ମାନ୍ ମାନଙ୍କୁ ହିଦାୟତ୍ ଦେବା ପାଇଁ ମସିହ୍ ମଉଦ୍ ଓ ଇମାମ୍ ମେହେଦୀଙ୍କୁ ପ୍ରେରଣ କରିବେ ଯିଏ ସମଗ୍ର ମାନବ ଜାତିକୁ ଗୋଟିଏ ହାତରେ ଏକତ୍ରିତ କରିବେ । ଏହା ଆମର ବିଶ୍ୱାସ ଅଟେ ଯେ ଉକ୍ତ ପେଶ୍‌ଗୋଇ ମୁତାବକ ଯେଉଁ ମସିହ୍ ଓ ମେହ୍‌ଦୀ ଇସ୍‌ଲାମ୍‌କୁ ପୁନର୍ଜିବୀତ କରିବା ପାଇଁ ଆସିବାର ଥିଲା ସେ ଆସିସାରିଛନ୍ତି ଓ ସମସ୍ତ ନବୀମାନଙ୍କ ପୋଷାକ ପରିଧାନ କରି ଆସିଛନ୍ତି । ଆମ ନିକଟରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ସେହି ଇମାମ୍ ମେହେଦୀ ଓ ସେହି ମସିହ୍ ମଉଦ୍ ଅଟନ୍ତି ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜମାତ୍ ଅହେମଦୀୟାର ସ୍ଥାପନାର ଶୁଭାରମ୍ଭ ଭାରତର ପଞ୍ଜାବ ପ୍ରଦେଶର ଗୋଟିଏ ଗ୍ରାମ ଯାହାର ନାମ ହେଉଛି କାଦିଆନ୍, ସେଠାରେ ହୋଇଥିଲା । ଆପଣ ଆ:ସ ୧୮୮୯ ମସିହାରେ ଦାବୀ କଲେ ଓ ଜମାତ୍ ଅହେମଦୀୟା ସେହିଦିନ ଠାରୁ ସ୍ଥାପନ ହେଲା । ସେହିପରି ୧୯୦୮ ମସିହାରେ ଆପଣ ଆ:ସଙ୍କର ଦେହାନ୍ତ ହେଲା । ଆପଣ ଆ:ସଙ୍କ ଦେହାନ୍ତ ପରେ ଖିଲାଫତ୍‌ର ନିଜାମ୍ ଆରମ୍ଭ ହେଲା ଓ ମୁଁ ହେଉଛି ଆପଣ ଆ:ସଙ୍କର ପଂଚମ ଖଲିଫା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅନ୍ୟ ମୁସଲ୍‌ମାନ ମାନେ ଓ ଆମମାନଙ୍କ ମଧ୍ୟରେ ବହୁତ ବଡ଼ ଫରକ୍ ରହିଛି । ଆମେ କହୁଛୁ କି ଯେଉଁ ମସିହ୍ ଓ ମେହଦୀଙ୍କର ଆସିବାର ଥିଲା ସେ ଆସି ସାରିଛନ୍ତି ଓ ସେମାନେ କହୁଛନ୍ତି-ସେହି ମସିହ୍ ଓ ମେହେଦୀ ଏପର୍ଯ୍ୟନ୍ତ ଆସିନାହାଁନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜମାତ୍ ଅହେମଦୀୟାର ସ୍ଥାପନା ୧୮୮୯ ମସିହାରେ ହେଲା ଏବଂ ସମସ୍ତ ମୁସଲ୍‌ମାନ ମାନଙ୍କୁ ଗୋଟିଏ ହାତରେ ଏକତ୍ରିତ କରିବା ହେଉଛି ଆମ ମିଶନ୍ । ଇସ୍‌ଲାମ୍‌ର ସତ୍ୟତା ଓ ଏହାର ବାସ୍ତବିକ ଶିକ୍ଷାର ବାର୍ତାଗୁଡିକୁ ଅନ୍ୟମାନଙ୍କ ପାଖରେ ପହଂଚାଇବା କି ସେମାନେ ନିଜର ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଓ ତାର ଅଧିକାରକୁ ପ୍ରଦାନ କରନ୍ତୁ । ତତ୍‌ସହିତ ପ୍ରତ୍ୟେକ ମନୁଷ୍ୟ ଅନ୍ୟ ମନୁଷ୍ୟର ହକ୍‌କୁ ପ୍ରଦାନ କରୁ । ଜଣେ ଅନ୍ୟଜଣକର ସମ୍ମାନ କରୁ । ମାନବଜାତିର ସେବା କରୁ ଓ ଜଣେ ଅନ୍ୟଜଣକର ଧ୍ୟାନ ରଖୁ । ଏହା ହେଉଛି ସେହି ବାର୍ତା ଯାହାକୁ ଆମେ ସବୁଠାରେ ପହଂଚାଉଅଛୁ । ଏବଂ ସବୁ ସ୍ଥାନରେ ଆମେ ମିଶ୍‌ନାରୀ ୱାର୍କ୍ କରୁଅଛୁ । ଇସ୍‌ଲାମ୍‌ର ବାର୍ତା ପହଂଚାଇବା ବ୍ୟତୀତ ମାନବ ସମାଜର ମଙ୍ଗଳପାଇଁ ମଧ୍ୟ କାର୍ଯ୍ୟ କରୁଅଛୁ । ଆମେ ଆଫ୍ରିକାରେ ସ୍କୁଲ୍ ଖୋଲିଛୁ, ଡାକ୍ତରଖାନା ଖୋଲିଛୁ, ପିଇବା ପାଇଁ ସୁଦ୍ଧ ପାଣିର ବ୍ୟବସ୍ଥା କରିଅଛୁ, ସୋଲାର୍ ସିଷ୍ଟମ୍ ମାଧ୍ୟମରେ ବିଜୁଳି ବ୍ୟବସ୍ଥା କରୁଅଛୁ । ଏହିଭଳି ଅନେକ ଜନହିତକାରୀ କାର୍ଯ୍ୟ ଓ ପ୍ରୋଜେକ୍ଟ କରୁଅଛୁ ଓ ଲୋକମାନଙ୍କର ମୂଳ ଆବଶ୍ୟକତାକୁ ପୂରଣ କରୁଅଛୁ ।

ଏବେ ଏହି ଜମାତ୍ ଯାହାର ଆରମ୍ଭ ୧୮୮୯ ମସିହାରେ ହୋଇଥିଲା ତାହା ବର୍ତମାନ ଦୁନିଆର ୨୦୭ ଗୋଟି ଦେଶରେ ପ୍ରସାର ଲାଭ କରିଅଛି । ଡେନ୍‌ମାର୍କ୍‌ରେ ଏବେ ବହୁତ କମ୍ ଲୋକ ଅଛନ୍ତି । ଆଫ୍ରିକା ଦେଶଗୁଡିକରେ ବହୁ ସଂଖ୍ୟକ ଅହେମଦୀ ଅଛନ୍ତି ଅର୍ଥାତ୍ ଲକ୍ଷ୍ୟ ଲକ୍ଷ୍ୟ ଲୋକେ । ପାକିସ୍ତାନ୍‌ରେ ଆମ ବିରୋଧରେ ପର୍ସୁକ୍ୟୁସନ୍ ହେଉଅଛି ଏବଂ ସରକାରଙ୍କ ତରଫରୁ ଆମ ବିରୋଧରେ କାନୁନ୍ ତିଆରି ହୋଇଛି କିନ୍ତୁ ଏହା ସତ୍ୱେ ମଧ୍ୟ ସେଠାରେ ବହୁତ ସଂଖ୍ୟାରେ ଅହେମଦୀ ଅଛନ୍ତି । ଇଣ୍ଡୋନେସିଆ, ମାଲେସିଆ ଓ ମୁସ୍‌ଲିମ୍ ଦେଶଗୁଡିକରେ ମଧ୍ୟ ଅଛନ୍ତି । ଏହି ଦେଶଗୁଡିକ ତରଫରୁ କୌଣସି ପ୍ରକାର କାନୁନ୍ ତ ନାହିଁ କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ଏହି ସମସ୍ତ ଦେଶ ଗୁଡିକରେ ଖୋଲାଖୋଲିଭାବେ ତବ୍‌ଲିଗ୍ କରିପାରୁନାହୁଁ । କିନ୍ତୁ ଏହା ସତ୍ୱେ ମଧ୍ୟ ଏହି ଦେଶଗୁଡିକରେ (ଅହେମଦୀୟତ୍) ପ୍ରସାର ହେଉଅଛି ଓ ଉନ୍ନତି ମଧ୍ୟ କରିଚାଲିଛି । ପ୍ରତ୍ୟେକ ବର୍ଷ ପାଂଚଲକ୍ଷ୍ୟରୁ ଅଧିକ ଲୋକେ ଏହି ଜମାତ୍‌ରେ ସାମିଲ୍ ହେଉଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୧୯୭୪ ମସିହାରେ ପାକିସ୍ତାନ୍‌ରେ ଆମ ବିରୋଧରେ କାନୁନ୍ ତିଆରି ହେଲା । ଏହାପରେ ୧୯୮୪ ମସିହାରେ ହେଲା । ସେ ସମୟର ପାକିସ୍ତାନ୍‌ର ଡିକ୍‌ଟେଟର୍ ଜିଆଉଲ୍ ହକ୍ ଜମାତ୍ ବିରୋଧରେ ଭୀଷଣ ଏକ ବଡ଼ କାନୁନ୍ ପ୍ରସ୍ତୁତ କଲେ । ତା ମୁତାବକ ଅହେମଦୀମାନେ ନିଜ ବିଶ୍ୱାସ ମୁତାବକ ଅମଲ କରିପାରିବେ ନାହିଁ । ଅସ୍‌ସଲାମୋ ଆଲୈକୁମ୍ କହିପାରିବେ ନାହିଁ । ନିଜର ମସ୍‌ଜିଦ୍‌କୁ ମସ୍‌ଜିଦ୍ ରୂପେ ବିବେଚନା କରିପାରିବେ ନାହିଁ । ପିଲାମାନଙ୍କର ଇସ୍‌ଲାମୀୟ ନାମ ରଖିପାରିବେ ନାହିଁ । କୌଣସି ମଧ୍ୟ ଏପରି ଶୈଳୀ ଦ୍ୱାରା, ଯେଉଁଥିରୁ ଇସ୍‌ଲାମୀୟ ବିଶ୍ୱାସର ପରିପ୍ରକାଶ ହେଉଥିବା ତାହା ଆମେ କରିପାରିବୁ ନାହିଁ । ଅସ୍‌ସଲାମୋ ଆଲୈକୁମ୍ ଯଦି ଆମେ କହିବୁ ତେବେ ତିନିବର୍ଷ ଜେଲ୍ ଦଣ୍ଡ ଭୋଗିବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆମ ବିରୋଧରେ ଜାତୀୟ ସ୍ତରରେ ଏ କାନୁନ୍ କେବଳ ପାକିସ୍ତାନ୍‌ରେ ରହିଛି । ଇଣ୍ଡୋନେସିଆ, ମାଲେସିଆରେ ସରକାରଙ୍କ ତରଫରୁ ଜାତୀୟ ସ୍ତରରେ ଆମ ବିରୁଧରେ କୌଣସି କାନୁନ୍ ନାହିଁ । କିନ୍ତୁ ଆଂଚଳିକ ସ୍ତରରେ ଆମ ମସ୍‌ଜିଦ୍‌କୁ ସିଲ୍ କରିଦିଆଯାଉଛି ଓ ଆମ ଚେଷ୍ଟାରେ ପ୍ରତିବନ୍ଧକ ସାଜୁଛନ୍ତି । ବେଳେବେଳେ ସ୍ଥାନୀୟ ପୋଲିସ୍‌ଙ୍କ ତରଫରୁ ମଧ୍ୟ ଆମ ଉପରେ କଷ୍ଟ ଲଦି ଦିଆଯାଉଛି । ତିନି ଚାରିବର୍ଷ ପୂର୍ବେ ଆମର ତିନିଜଣ ସ୍ଥାନୀୟ ଇଣ୍ଡୋନେସିଆନ୍ ଅହେମଦୀୟାଙ୍କୁ ଇଣ୍ଡୋନେସିଆରେ ବହୁତ ନିର୍ଦୟତାର ସହିତ ମାରି ମାରି ଶହିଦ୍ କରିଦିଆଗଲା । ଏଥିରେ ସରକାରୀ ବ୍ୟବସ୍ଥା ତରଫରୁ ଏ ଉତର ମିଳୁଛି କି ମୁସଲ୍‌ମାନ୍ ମାନଙ୍କର୍ ଅଧିକାଂଶ ଲୋକେ ଆପଣ ଆ:ସଙ୍କୁ ପସନ୍ଦ କରୁନାହାଁନ୍ତି ଓ ଆପଣଙ୍କର ସପକ୍ଷରେ ନାହାଁନ୍ତି । ତେଣୁ ଆମେ କିଛି କରିପାରିବୁ ନାହିଁ । ଏହି ଉତର ସରକାରୀ ବ୍ୟବସ୍ଥା ତରଫରୁ ମିଳୁଛି ।

ନାଇଜେରିଆ ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ନାଇଜେରିଆରେ ବହୁତ ବଡ଼ କମ୍ୟୁନିଟି ରହିଛି, ଯାହା ବଢ଼ିଚାଲିଛି ଓ ସେମାନଙ୍କର ସଂଖ୍ୟା ଲଗାତାର ବଢ଼ିଚାଲିଛି । ସବୁ ମୁସଲ୍‌ମାନ୍ ଦେଶଗୁଡିକରେ ଆମ ଜମାତ୍ ରହିଛି । ଘାନା, ସିରିଆଲିଓନ୍, ଫ୍ରାଙ୍କ୍‌ଫୋନ୍ ଦେଶଗୁଡିକ, ମାଲି, ବୁର୍କିନାଫାସୋ, ବେନିନ୍ ଇତ୍ୟାଦିରେ ଆମେ ବଢ଼ିଚାଲିଛୁ । ଆମ ସଂଖ୍ୟା ଧିରେ ଧିରେ ଆଗକୁ ବଢ଼ି ଚାଲିଛି ।

ଇଣ୍ଡୋନେସିଆରେ ଆମର ସଂଖ୍ୟା ହେଉଛି ଲକ୍ଷ୍ୟ ଦେଢ଼ ଲକ୍ଷ୍ୟରୁ ଅଧିକ । ସେଠିକାର ଜନସଂଖ୍ୟା ଦୁଇ ମିଲିୟନ୍ ଅଟେ । ଆମ ସଂଖ୍ୟା ବହୁତ୍ କମ୍ ଅଛି । କିନ୍ତୁ ଲଗାତାର୍ ଆମ ଲୋକଙ୍କ ସଂଖ୍ୟ ବଢୁଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ମାଲେସିଆରେ ଇସାଇମାନଙ୍କୁ ସେମାନଙ୍କର ଅଧିକାର ମିଳୁନାହିଁ । ସେମାନେ ଅଲ୍ଲାଃ ଶବ୍ଦକୁ କହିପାରିବେ ନାହିଁ ଓ ତାକୁ ବ୍ୟବହାର କରିପାରିବେ ନାହିଁ । ଏହା ସବୁ ଭୁଲ୍ ଅଟେ । ଅଲ୍ଲାଃ ତ ସମସ୍ତଙ୍କ ପାଇଁ ଅଟନ୍ତି ଓ ସବୁ ଧର୍ମପାଇଁ ଅଛନ୍ତି । ପ୍ରତ୍ୟେକ ଧର୍ମର ଏହି ଅଧିକାର ଅଛି କି ସେ ଅଲ୍ଲାଃ ଶବ୍ଦକୁ ବ୍ୟବହାର କରିପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଏହି ସବୁ କାରଣ ଯୋଗୁ ମସିହ୍ ମଉଦ୍ ଙ୍କର ଆସିବାର ଆବଶ୍ୟକ ଥିଲା ।

Ambasador of Belgium Mr. H.E Pol de witte ଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ ସମ୍ବୋଧନ କରି କହିଲେ- ବେଲ୍‌ଜିଅମ୍‌ରେ ଆପଣଙ୍କ ଏୟାର୍‌ପୋର୍ଟ୍ ଉପରେ ଯେଉଁ ଦୁର୍ଘଟଣା ହେଲା ସେଥିଯୋଗୁ ମୁଁ ବହୁତ ଦୁଃଖିତ । ସେଠାରେ ଆମ ଜମାତ୍ ସରକାରଙ୍କୁ ସମବେଦନା ଜଣାଇଥିଲା । ତେଣୁ ସରକାରୀ ବ୍ୟବସ୍ଥା ତରଫରୁ ତାଙ୍କୁ ପ୍ରଶଂସା କରାଯାଇଥଲା ।

ହଜୁର ଅନୁୱର୍ ଅ:ବ:ଅ କହିଲେ- ବେଲ୍‌ଜିଅମ୍‌ରେ ଆମ କମ୍ୟୁନିଟିର ଲୋକ ଦୁଇହଜାର୍‌ରୁ ଅଧିକ ଅଛନ୍ତି । ସେଠାରେ ଆମର ତିନିଗୋଟି ସେଂଟର୍ ଅଛି । ବ୍ରିସେଲ୍‌ଜ୍‌ରେ ଜମାତ୍‌ର କେନ୍ଦ୍ରୀୟ ମସ୍‌ଜିଦ୍ ସମ୍ପୂର୍ଣ୍ଣ ହେଉଅଛି । ସେଠିକାର ସମସ୍ତ ରାଜନୈତିଜ୍ଞ ମାନଙ୍କ ସହିତ ଆମର ଉତମ ସମ୍ପର୍କ ରହିଛି । ବେଲ୍‌ଜିୟମ୍‌ରେ ରହୁଥିବା ଅହେମଦୀମାନେ ନିଜ ଦେଶର ଅନୁରକ୍ତ ଅଟନ୍ତି । ଅହେମଦୀ ଲୋକେ ଯେଉଁ ଦେଶରେ ଯାଇ ମଧ୍ୟ ରହୁଛନ୍ତି ସେମାନେ ସେ ଦେଶର ଅନୁରକ୍ତ ହୋଇଥାନ୍ତି ।

ତୁର୍କିର ଚର୍ଚ୍ଚା କରି ହଜୁର୍ ଅନୁୱର୍ କହିଲେ କି ତୁର୍କୀରେ ମଧ୍ୟ ଆମ କମ୍ୟୁନିଟି ରହିଛି କିନ୍ତୁ ବର୍ତମାନ ଆମେ ସେଠାରେ ଖୋଲାଖୋଲି ତବ୍‌ଲିଗ୍ କରିପାରୁନାହୁଁ ।

ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ କି ଯେପରି ଆପଣମାନଙ୍କର ମୁଖାଲିଫତ୍ ହେଉଅଛି ସେହିପରି ପ୍ରାରମ୍ଭରେ ଇସାଇମାନଙ୍କ ସହିତ ମଧ୍ୟ ମୁଖାଲିଫତ୍ ହେଉଥିଲା ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଠିକ୍ କଥା ।

### ସ୍ୱାଗତ ଉତ୍ସବ

ଏହି ମିଟିଂ ୬:୫୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ହୋଟେଲ୍‌ର ହଲ୍ ଭିତରେ ପ୍ରବେଶ କଲେ । ହଜୁର୍ ଅନୁୱର୍‌ଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥିଗଣ ନିଜ ନିଜ ସ୍ଥାନରେ ବସି ସାରିଥିଲେ ।

ଏହି ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା । ମୋକରମ୍ ମହମ୍ମଦ୍ ଅକ୍‌ରମ୍ ମେହ୍‌ମୁଦ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଡେନ୍‌ମାର୍କ୍ ସୁରା ମାଏଦାର ଆୟତ ନଂ-୮-୧୦ ପାଠ କଲେ ଓ ମୋକରମ୍ ବିଲାଜ୍ ବୁଟର୍ ସାହେବ୍ ଉକ୍ତ ଆୟତ ଗୁଡିକର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ଏହାପରେ ମୋକରମ୍ ମହମ୍ମଦ୍ ଜକ୍‌ରିଆ ଖାନ୍ ସାହେବ୍ ଅମୀର୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ ଡେନ୍‌ମାର୍କ୍ ନିଜର ସ୍ୱାଗତ ଭାଷଣ ଉପସ୍ଥାପନ କଲେ ଏବଂ ଏହାପରେ କିଛି ଅତିଥିମାନେ ନିଜ ନିଜର ଭାଷଣ ମଧ୍ୟ ଉପସ୍ଥାପନ କଲେ ।

ସର୍ବପ୍ରଥମେ Hon'ble holger schou rasmussen ସାହେବ ଯିଏ Lolland ର ମେୟର୍ ଅଛନ୍ତି, ସେ ନିଜର ଭାଷଣ ଉପସ୍ଥାପନ କରି କହିଲେ ମୁଁ ଏହି ପ୍ରୋଗ୍ରାମ୍‌ରେ ନିମନ୍ତ୍ରିତ ହୋଇଥିବାରୁ ଧନ୍ୟବାଦ ଜ୍ଞାପନ କରୁଛି । Lolland ର ମୁନିସ୍‌ପାଲ୍‌ଟିର ମେୟର୍ ହିସାବରେ ମୋ ପାଇଁ ଏହା ବହୁତ ଗୌରବର ବିଷୟ ଯେ ମୁଁ ହଜୁର୍ ଅନୁୱର୍‌ଙ୍କୁ ଡେନ୍‌ମାର୍କ୍‌ରେ ସ୍ୱାଗତ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ କରୁଅଛି । ଏହିପରି ଧାର୍ମୀକ ବାଣୀ (ସ୍ଲୋଗାନ୍) ଯାହା ଶାନ୍ତି, ସହିଷ୍ଣୁତା ଓ ଭଲ ପାଇବାର କଥା କହିଥାଏ ତାର ପ୍ରଶଂସା କରାଯିବା ଉଚିତ୍ ଓ ଆଜିକାଲି ଭୟ ଓ ଅବିଶ୍ୱାସର ବାତାବରଣ ଭିତରେ ଏହାର ଗୁରୁତ୍ୱ ବହୁତ ବଢ଼ିଯାଇଛି । ଏହା ସେହି ଆହ୍ୱାନ୍ ଅଟେ ଯାହାକୁ ଆମେ ସମସ୍ତେ ସମ୍ମୁଖୀନ କରୁଅଛେ । ତେଣୁ ଆମ ସମସ୍ତଙ୍କର ଏହା ଦାୟିତ୍ୱ ଯେ ଏହି ଆହ୍ୱାନ୍‌ର ଆମେ ମୁକାବିଲା କରିପାରିବା । ମୁଁ ବହୁତ ଖୁସି ଅଟେ କି ଡେନ୍‌ମାର୍କ୍‌ର ସବୁଠାରୁ ପୁରାତନ ମୁସ୍‌ଲିମ୍ ଜମାତ୍ ଏହି ପ୍ରୋଗ୍ରାମ୍‌ର ଆୟୋଜନ କରିଅଛି । ଏଠାରେ ଆପଣମାନେ ଅନ୍ୟ ଧର୍ମର ପ୍ରତିନିଧିମାନଙ୍କ

ସହିତ ବସିଛନ୍ତି । ସେମାନଙ୍କ ମଧ୍ୟରେ ୟହୁଦୀ, ଇସାଇ, ବୌଦ୍ଧ ଓ ମୁସଲମାନ୍ ସାମିଲ୍ ଅଛନ୍ତି । ଏ ଇଲାକା ସମ୍ପୂର୍ଣ୍ଣ ରୂପେ ଧର୍ମୀୟ ସ୍ୱାଧୀନତା ଦେଇଥାଏ ଓ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକେ ଏଥିରେ ଶାନ୍ତିର ସହିତ ବସବାସ କରିଥାନ୍ତି ଓ ସେମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ । ଆପଣଙ୍କ ଖଲିଫାଙ୍କ ପ୍ରେମ ଓ ସ୍ନେହ ପ୍ରସାର କରିବାର ଯେଉଁ ଇଚ୍ଛା ରହିଛି ତାହା ହେଉଛି ଏହାର ପ୍ରତିଫଳନ । ଆମେ ବହୁତ ଆନନ୍ଦିତ ଯେ ଆପଣମାନଙ୍କୁ ନାକ୍ସ୍‌କୋ ଠାରେ ମସଜିଦ୍ ନିର୍ମାଣ ପାଇଁ ଜାଗା ମିଳିଯାଇଛି । ଆପଣମାନେ ଆମ ସମାଜର ଅଂଶ ହୋଇଥିବାରୁ ଆମେ ବହୁତ ଗର୍ବିତ । ଏଠାକୁ ନିମନ୍ତ୍ରଣ କରିଥିବା ଯୋଗୁ ଧନ୍ୟବାଦ ଅର୍ପଣ କରୁଛୁ ।

ଏହାପରେ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Hon'ble Ulla Sandbaek ଯାହାଙ୍କ ସମ୍ପର୍କ Alternative party ସହିତ ଅଛି, ସେ ନିଜର ବକ୍ତବ୍ୟରେ କହିଲେ-ନିମନ୍ତ୍ରଣ କରିଥିବା ଯୋଗୁ ଅଶେଷ ଧନ୍ୟବାଦ ! ମୋତେ ଏଠାକୁ ଆସି ବହୁତ ଖୁସି ଲାଗୁଛି ଓ ମୁଁ ଏହି ଉତ୍ସବ ଓ ଏଠାରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଭାଷଣ ଶୁଣିବା ପାଇଁ ବହୁତ ଆଗ୍ରହର ସହିତ ଅପେକ୍ଷା କରିଥିଲି । ଆଜି ଏ ସଂସାର ବହୁତ କଠିନ ପରିସ୍ଥିତି ଦେଇ ଗତି କରୁଅଛି ଏବଂ ଏହା ଆମେ ଜାଣିନାହୁଁ କି ଆମର ସଂସ୍କୃତି କାଏମ୍ ରହିବ ବା ନରହିବ କାରଣ ଏହା ଚାରିଆଡୁ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଅଛି । ଏହା ଅତ୍ୟନ୍ତ ଜରୁରୀ ହୋଇଯାଇଛି ଯେ ଏଠି ଧର୍ମଗୁରୁମାନେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଏକତା ପାଇଁ କଥା ହୁଅନ୍ତୁ ଏବଂ ଏହା ବତାଇଦିଅନ୍ତୁ ଯେ ଆମ ସମସ୍ତଙ୍କର ସମ୍ପର୍କ ମଣିଷ ଜାତି ସହିତ ରହିଛି । ଆଜିକାଲି ଆମେ ଏହା ଦେଖୁଅଛୁ କି ପୋପ୍ ମଧ୍ୟ ଶାନ୍ତି, ପ୍ରେମ ଓ ଏକତାର କଥା କହୁଛନ୍ତି ଏବଂ ମୁଁ ବହୁତ ଆନନ୍ଦିତ ଯେ ହଜୁର୍ ଅନୁଓ୍ୱର୍ ମଧ୍ୟ ଇସ୍ଲାମୀୟ ଶିକ୍ଷା ଆଲୋକରେ ଶାନ୍ତିର ବାର୍ତ୍ତା ଦେବେ । ଏଥିରେ ମଧ୍ୟ ମୋତେ ଖୁସି ଲାଗୁଛି କି ଇସ୍ଲାମ୍‌ରେ ମଧ୍ୟ କୌଣସି ସ୍ୱର ସାମ୍ନାକୁ ଆସିଅଛି ଯିଏ ଶାନ୍ତି, ପ୍ରେମ ଓ ଭାଇଚାରାର କଥା ଉପସ୍ଥାପନ କରୁଅଛି । ସୁତରାଂ ମୁଁ ଆଜି ସନ୍ଧ୍ୟାରେ ଏଠାକୁ ଖଲିଫାଙ୍କ ସ୍ୱର ଶୁଣିବା ପାଇଁ ଆସିଛି ଯଦ୍ୱାରା ମୁଁ ସେହି ବାର୍ତ୍ତାକୁ ଆଗକୁ ଏ ଦୁନିଆରେ ପ୍ରସାର କରିପାରିବି ଓ ସଂସାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିଜର ସାଧାରଣ ଯୋଗଦାନ ମଧ୍ୟ କରିପାରିବି । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଉଛି ଯେ ସେ ଏଠାକୁ ଆସିଛନ୍ତି ।

ଏହାପରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Hon'ble Yen Missmen ଯାହାଙ୍କ ସମ୍ବନ୍ଧ Danish peoples party ସହିତ ରହିଛି, ସେ ନିଜର ବକ୍ତବ୍ୟରେ କହିଲେ-

ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ପୁରୁଷ ମହିଳାମାନେ, ମହାମହିମ, ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ! ଆଜି ମୁଁ ମୋ ଦୃଷ୍ଟିକୋଣଠାରୁ ଅଲଗା ହୋଇ କଥା ହେବି । ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ପ୍ରୋଗ୍ରାମ୍‌ରେ ମୁଁ ଏଠି ଯୋଗଦେଇ ବହୁତ ଆନନ୍ଦିତ । Danish member of parliament ଓ Danish peoples party ର ସଦସ୍ୟ ହିସାବରେ ଜମାତ୍ ଅହେମଦୀୟାର ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିବା ଯୋଗୁ ଏହା ମୋ ପାଇଁ ସମ୍ମାନର ବିଷୟ ବୋଲି ମୁଁ ଭାବୁଛି ।

ସେ ପୁଣି କହିଲେ ମୁଁ ଯେତେବେଳେ ଯୁବକ ଥିଲି ଏଠି ଡେନ୍‌ମାର୍କରେ ମୁସଲମାନ୍ ନଥିଲେ । କେବେ କେବେ ଅନ୍ୟ ଦେଶର ଲୋକମାନଙ୍କୁ ଏଠାରେ ଦେଖିବାକୁ ମିଳୁଥିଲା । ମୁଁ ୧୯୭୧ ମସିହାରେ ଡେନିସ୍ ଏୟାର୍ ଲାଇନ୍‌ସ୍ ସହିତ ଯୋଡ଼ି ହେଲି । ସେ ସମୟରେ ଇଜିପ୍ଟ୍ ଏୟାର୍ ଲାଇନ୍ ପାଖରେ ଜାହାଜର ସଂକଟ ଥିଲା । ତେଣୁ ସେମାନେ ଆମ ଜାହାଜ ଗୁଡିକୁ ବ୍ୟବହାର କରୁଥିଲେ । ମୁଁ ସେତେବେଳେ କାହେରାରେ ରହୁଥିଲି ଓ ସେଠାରେ ମିଶର୍‌ର ମୁସଲମାନ୍ ମାନଙ୍କର ଜୀବନଶୈଳୀ ବିଷୟରେ ଜାଣିପାରିଲି । ମୁଁ ଏହରାମେ ମିଶର୍ ଠାରୁ କିଛି ଶହ ମିଟର୍ ଦୂରତାରେ ଗୋଟିଏ ହୋଟେଲ୍‌ରେ ରହୁଥିଲି, ଯେଉଁଠି ବହୁତ ଲୋକଙ୍କ ସହିତ ମୋର ସମ୍ପର୍କ ଥିଲା । ସେଠାରେ ବହୁ ସଂଖ୍ୟାରେ ଜାହାଜ ହାଜି ମାନଙ୍କୁ ନେଇଯାଉଥିଲା । ବହୁତ ଆନନ୍ଦିତ ହୋଇ ସମସ୍ତ ମୁସଲମାନ୍ ମାନେ ଧଳା ପୋଷାକ ପିନ୍ଧୁଥିଲେ । ମୋର ମନେଅଛି କି ଯେତେବେଳେ ଜାହାଜ ଚାଲିବା ଆରମ୍ଭ ହେଉଥିଲା ଜଣେ ବ୍ୟକ୍ତି ଦୁଆ ପଢୁଥିଲା ଓ ବାକି ୧୭୮ ଜଣ ଯାତ୍ରୀ ତାକୁ ଅନୁସରଣ କରି ସେହି ଶବ୍ଦଗୁଡିକ ଦୋହରାଉଥିଲେ । ମୁଁ ପ୍ରତ୍ୟହ ଏହି ଦୁଆକୁ ଶୁଣୁଥିଲି ଏବଂ କିଛିଦିନ ପରେ ମୁଁ ମଧ୍ୟ ଏପରି ଦୁଆ କରିବାରେ ସାମିଲ୍ ହୋଇଗଲି । ଫ୍ଲାଇଟ୍ ଆନାଉସ୍‌ମେଂଟ୍ ବେଳେ ଏହି ଶବ୍ଦଗୁଡିକ ଦୋହରାଇବା ମୋତେ ଆଚମ୍ବିତ କରୁଥିଲା । କିନ୍ତୁ ସମସ୍ତେ ଏହାକୁ ପସନ୍ଦ କଲେ । ମୁଁ ଏହି ଶବ୍ଦଗୁଡିକ ଦୋହରାଉଥିଲି- ଲବ୍‌ବେକ୍ ଅଲ୍ଲାହୁମ୍ମା ଲବ୍‌ବେକ୍, ଲବ୍‌ବେକ୍ ଲାଶରିକା ଲକା ଲବ୍‌ବେକ୍ ଇନ୍ନଲ୍ ହାମ୍‌ଦା ଓ୍ୱନେମତା ଲକା ଓ୍ୱଲ୍‌ମୁଲ୍‌କା ଲାଶରିକା ଲକା । ସେ ସମୟ ବହୁତ ଭଲ ଲାଗୁଥିଲା । କିନ୍ତୁ ଏବେ ପରିସ୍ଥିତି ପରିବର୍ତ୍ତନ ହୋଇଯାଇଛି । ଡେନ୍‌ମାର୍କ୍ ଓ ୟୁରୋପ୍‌ରେ ବହୁତ ମୁସଲମାନ୍ ଆସିଯାଇଛନ୍ତି । ମୁଁ ଏହା ଆଶା କରୁଛି କି ଆମେ ସମସ୍ତେ ମିଳିମିଶି ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ରହିବା । ପୁଣି ଥରେ ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ଆପଣମାନେ ମୋତେ ଏହି ପ୍ରୋଗ୍ରାମ୍‌ରେ ନିମନ୍ତ୍ରଣ କରିଛନ୍ତି । ହଜୁର୍ ଅନୁଓ୍ୱର୍ ଓ ଏଠାକୁ ଯେଉଁ ବ୍ୟକ୍ତିମାନେ ଆସିଛନ୍ତି ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

ଏହାପରେ The alternative party ସହିତ ସମ୍ବନ୍ଧ ରଖିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Hon'ble Josephine Fauk ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଲେ- ମୁଁ ହଜୁର୍ ଅନୁଓ୍ୱର୍ ଏବଂ ଅନ୍ୟ ସମସ୍ତ ଶ୍ରୋତାଗଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଓ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଡେନ୍‌ମାର୍କରେ ସ୍ୱାଗତ ଜଣାଉଛି । ହଜୁର୍ ଅନୁଓ୍ୱର୍ ୧୧ ବର୍ଷ ପରେ ଆମ ରାଜଧାନୀକୁ ଆସିଛନ୍ତି ଯାହା ଆମପାଇଁ ଗୌରବର ବିଷୟ ।

ସେ ପୁଣି କହିଲେ-ମୁଁ ଭାବୁଛି କି ବିଭିନ୍ନ ଧର୍ମ ଓ ରାଜନୈତିକ ଓ ସିଭିଲ୍ ସୋସାଇଟିର ବିଭିନ୍ନ ସଂଗଠନ ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ଅତ୍ୟନ୍ତ ଆବଶ୍ୟକ । ଆଜିକାଲିର ପରିସ୍ଥିତି ଯେଉଁଠି ଜାତିବାଦ, ଧର୍ମ, ରାଜନୈତିକ ସଂଗଠନ ଓ ଦେଶଦେଶ ଭିତରେ ବିରୋଧାଭାବ ମୁଣ୍ଡଟେକିଛି ଓ ବିଶେଷ କରି ଦେଶାନ୍ତର ହୋଇ ଆସିବା ପ୍ରସଙ୍ଗରେ ଯେଉଁ ସମସ୍ୟା ଗୁଡିକ ଉପୁଜିଛି ସେହିସବୁର ମୁକାବିଲା କରିବା ପାଇଁ ଏହା ବହୁତ ଆବଶ୍ୟକ ହୋଇଯାଇଛି କି ଧର୍ମଗୁରୁମାନେ ସମାଜରେ ଅନ୍ୟ ସଂଗଠନ ମାନଙ୍କ ସହିତ କଥା ହୁଅନ୍ତୁ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କଠାରୁ ବହୁତ ପ୍ରଭାବିତ ଓ ଆପଣଙ୍କର ଶାନ୍ତି ଓ ଭାଇଚାର ପ୍ରସାର କରିବା ଦେଶ ଓ ଧର୍ମକୁ ଅଲଗା ରଖିବା ଏବଂ ବାକ୍ ସ୍ୱାଧିନତା ଓ ଡାଇଲଗର ଗୁରୁତ୍ୱକୁ ଉଜାଗର କରିବା ପାଇଁ ଯେଉଁ ସବୁ ପ୍ରଚେଷ୍ଟା ଅଛି ସେ ସବୁ ବିଷୟରେ ମୁଁ ଅବଗତ ।

ୟୁ.କେ ପରି ଡେନ୍‌ମାର୍କ୍‌ରେ ମଧ୍ୟ ଗୋଟିଏ ବଡ଼ ମୁସ୍‌ଲିମ୍ କମ୍ୟୁନିଟି ରହିଛି ଯାହାର ଯୋଗଦାନ ଏ ସମାଜରେ ରହିଛି । ଆମେ ରାଜନୈତିଜ୍ଞ ହିସାବରେ ଧର୍ମୀୟ ଓ ଜାତିବାଦର ଏକତା ନିମନ୍ତେ କାମ କରିବା ଉଚିତ୍ । ମୁଁ ପୁଣି ଥରେ ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ଆପଣ ଡେନ୍‌ମାର୍କ୍ ଆସିଛନ୍ତି ଏବଂ ମଁ ଧନ୍ୟବାଦ ଜଣାଉଛି କି ଆପଣ ମୋତେ ଏଠାକୁ ନିମନ୍ତ୍ରଣ କରିଛନ୍ତି ।

ଏହାପରେ His excellency Mr. Bertel Haarder ଯିଏ Minister for Cultural Affairs and the minister of Eccleciastical Affairs ଅଛନ୍ତି, ସେ ନିଜର ବକ୍ତବ୍ୟରେ କହିଲେ ମୋ ପାଇଁ Minister for Cultural and Church ହିସାବରେ ଆଜି ଏହି ପ୍ରୋଗ୍ରାମ୍‌ରେ ଯୋଗଦେବା ଓ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ ନିଜର ଭାବନାକୁ ବ୍ୟକ୍ତ କରିବା ବହୁତ ଗୌରବର ବିଷୟ । ମୋ ଦାୟିତ୍ୱ ଗୁଡିକ ମଧ୍ୟରେ ଏହା ମଧ୍ୟ ଏକ ଦାୟିତ୍ୱ ଅଟେ କି ମୁଁ ଡେନ୍‌ମାର୍କରେ ଥିବା ବିଭିନ୍ନ ଧର୍ମର ଓ ବିଭିନ୍ନ ବିଶ୍ୱାସ ରଖିଥିବା ଲୋକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ଶାନ୍ତି ପ୍ରସାର ନିମନ୍ତେ ଚେଷ୍ଟା କରିବି । ଡେନ୍‌ମାର୍କରେ ୧୬୦ଟି ଧାର୍ମିକ ସଂଗଠନ ପଞ୍ଜୀକରଣ କରିଛନ୍ତି ଓ ସେ ସମସ୍ତଙ୍କୁ ଧର୍ମୀୟ ସ୍ୱାଧିନତା ମିଳିଛି । ସେମାନଙ୍କ ମଧ୍ୟରୁ ଅନେକଙ୍କର ନିଜ ନିଜର ସ୍କୁଲ୍ ଓ କବର୍ ସ୍ଥାନ ଇତ୍ୟାଦି ରହିଛି । କିନ୍ତୁ ମୁଁ ଏକଥା ପ୍ରକାଶ କରିବାକୁ ଚାହୁଁଛି କି ସେ ସମସ୍ତଙ୍କ ଭିତରେ ଅହେମଦୀୟା ଜମାତ୍‌ର ଏକ ବିଶେଷ ସ୍ଥାନ ରହିଛି । କାରଣ ସେ ସ୍ଥାନୀୟ ସମାଜରେ ମିଶି ଯାଇଛନ୍ତି । ବିଗତ ୫୦ ବର୍ଷରୁ ଆପଣମାନେ ଆମ ସହିତ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ଡେନ୍‌ମାର୍କ୍‌ରେ ବସବାସ କରୁଛନ୍ତି ।

ମୁଁ ବହୁତ ଖୁସି କି ହଜୁର୍ ଅନୁଓ୍ୱର୍ ଓ ଆପଣଙ୍କ ଜମାତ୍ ଖୋଲା ହୃଦୟର ସହିତ ଆମକୁ ସ୍ୱାଗତ ଜଣାଉଛନ୍ତି । ଆପଣ ପ୍ରେମ ସଭିଙ୍କ ପାଇଁ ଉପରେ ବିଶ୍ୱାସ ରଖୁଛନ୍ତି । ଏହି ବାର୍ତ୍ତାଟି ବୋଧହୁଏ ଛୋଟ ଜଣାପଡୁଛି କିନ୍ତୁ ବାସ୍ତବରେ ଏହା କଦାପି ଛୋଟ ନୁହେଁ । ଏହା ଅତ୍ୟନ୍ତ ଜରୁରୀ ବାର୍ତ୍ତା ଅଟେ ଓ ଏଠାକୁ ମୋ ଆସିବାର ଉଦ୍ଦେଶ୍ୟ ମଧ୍ୟ ହେଉଛି ଏହା । ମୋପରି ଏଠାକୁ ଆସିଥିବା ବହୁତ ଲୋକେ ହଜୁର୍ ଅନୁଓ୍ୱର୍‌ଙ୍କର ଶାନ୍ତି ଓ ବାର୍ତ୍ତା ନିମନ୍ତେ ଯେଉଁ ସେବା ସବୁ ରହିଛି, ସେଥିଯୋଗୁଁ ଆମେ ସମସ୍ତେ ସଲାମ୍ ପେଶ୍ କରିବାକୁ ଆସିଛନ୍ତି ।

ଜମାତ୍ ଅହେମଦୀୟା ୧୮୮୯ ମସିହାରେ ସ୍ଥାପନ ହେଲା । ଏହି ଜମାତ୍‌ର ପ୍ରତିଷ୍ଠାତା ମିର୍ଜା ଗୁଲାମ୍ ଅହେମଦ୍ ଅଲ୍ଲାଙ୍କ ଠାରୁ ଐଶୀବାଣୀ ପାଉଥିଲେ । ଆପଣ ଆ:ସ ନା କେବଳ ଆଁ ହଜରତ୍ ସ:ଆ:ସଙ୍କ ଉତ୍ତରାଧିକାରୀ ଥିଲେ ବରଂ ମସିହ୍ ମଉଦ୍ ମଧ୍ୟ ଥିଲେ ମୋମିନ୍‌ମାନେ ଯାହାଙ୍କ ଅପେକ୍ଷା କରୁଥିଲେ । ଜମାତ୍ ଅହେମଦୀୟା ମୁତାବକ ଜିହାଦ୍ ଲଢ଼େଇ ଝଗଡ଼ାର ନାମ ନୁହେଁ ବରଂ ଅସଲ ଜିହାଦ୍ ତ ପ୍ରେମଦ୍ୱାରା କରାଯାଇଥାଏ । ଆଜି ଡେନ୍‌ମାର୍କରେ ୧୬୦ ସମ୍ପ୍ରଦାୟ ସହିତ ସମ୍ବନ୍ଧ ରଖିଥିବା ଗ୍ରୁପ୍ ବିଦ୍ୟମାନ୍ ଏବଂ ମୁଁ ଏକଥାକୁ ପ୍ରକାଶ କରିବା ପାଇଁ ଗର୍ବ କରୁଛି କି ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଏହି ସମସ୍ତ ଲୋକମାନଙ୍କ ନିକଟରେ ଶାନ୍ତି ଓ ପ୍ରେମକୁ ପ୍ରୋତ୍ସାହନ ଦେବାପାଇଁ ଓ ଘୃଣା ବିରୁଦ୍ଧରେ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କଠାରୁ ଆଗ୍ରହ ରହିଛି । ସେଥିପାଇଁ ମୁଁ ଜମାତ୍ ଅହେମଦୀୟାକୁ ଧନ୍ୟବାଦ ଅର୍ପଣ କରୁଛି ।

ଏପରି କଠିନ ସମୟରେ ଯେତେବେଳେ ଏ ଦୁନିଆରେ ସନ୍ତ୍ରାସବାଦର ଆକ୍ରମଣ ହେଉଅଛି ଆମେ ଏହା ଚାହୁଁଛି । ବିଶେଷ ରୂପେ ଏଥିପାଇଁ କି ସେମାନଙ୍କର ଅଧିକାଂଶ ଆକ୍ରମଣ ଇସ୍‌ଲାମ୍ ନାମରେ କରାଯାଉଛି । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ କି ଇସ୍‌ଲାମ୍‌ର ଯେଉଁ ଶିକ୍ଷା ଏଠାରେ ଉପସ୍ଥାପନ କରାଯାଉଛି ଏହା ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟେ । ସେଥିଯୋଗୁ ଆପଣ ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।

*(ବହୱାଲା ଅଖବାର୍ ବଦର୍ ୯ ଜୁନ୍ ୨୦୧୬)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.3 Thursday 26 April 2018 Issue No.17**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୦୯ ମଇ ୨୦୧୬ ସୋମବାର**

ଭୋର୍ ୪:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସଜିଦ୍ ନୁସ୍‌ରତ୍ ଜାହାଁରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ପ୍ରତ୍ୟାବର୍ତନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳେ ଡାକ ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଓ ନିଜର ପରାମର୍ଶ ମଧ୍ୟ ଦେଲେ । ଏହିପରି ହଜୁର୍ ଅନୁଓ୍ୱର୍ ଦଫ୍‌ତରି କାର୍ଯ୍ୟରେ ଲିପ୍ତ ରହିଲେ । ପ୍ରୋଗ୍ରାମ୍ ମୁତାବକ ଦିନ ୧:୧୫ ରେ ଦଫ୍‌ତର୍‌କୁ ଆସିଲେ । ମୋହତରମା ମୁନିରା କରୋ ସାହିବା ସ୍ତ୍ରୀ କମାଲ୍ କୋରୋ ସାହେବ୍ ମରହୁମ୍ ହଜୁର୍‌ଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ଡେନିସ୍ ଭାଷାରେ ହୋଇଥିବା ପବିତ୍ର କୋରାନ୍‌ର ଅନୁବାଦକୁ ପୁନଃ ନୀରୀକ୍ଷଣ ଓ ଚେକିଂର କାମ କରୁଛନ୍ତି । ସେ ନିଜର ଏହି କାମ ବିଷୟରେ ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ମାର୍ଗଦର୍ଶନ ହାସଲ କଲେ । ଏହି ସାକ୍ଷାତ୍‌କାର୍ ୨୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ମୋକରମ୍ ମହମ୍ମଦ୍ ଜକରିଆ ଖାନ୍ ସାହେବ୍ ଅମିର୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ଡେନ୍‌ମାର୍କ ଦଫ୍‌ତରି ସାକ୍ଷାତ୍‌କାରର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ବିଭିନ୍ନ ବିଷୟ ଓ ବିଭିନ୍ନ ମାମଲା ଗୁଡିକ ସମ୍ପର୍କରେ ହିଦାୟତ୍ ପ୍ରଦାନ କଲେ ।

ଠିକ୍ ୨:୧୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସଜିଦ୍ ନୁସ୍‌ରତ୍ ଯାହାଁରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ହିଲ୍‌ଟନ୍ ହୋଟେଲ୍‌ରେ ସ୍ୱାଗତ ଉତ୍ସବ**

ଆଜି ଜମାତ୍ ଅହେମଦୀୟା ଡେନ୍‌ମାର୍କ ହିଲ୍‌ଟନ୍ ହୋଟେଲ୍‌ରେ ଗୋଟିଏ ସ୍ୱାଗତ ଉତ୍ସବର ଆୟୋଜନ କରିଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଉତ୍ସବରେ ଯୋଗ ଦେବାପାଇଁ ୫:୩୦ ସମୟରେ ନିଜ ଆବାସସ୍ଥଳୀରୁ ହୋଟେଲ୍ ପାଇଁ ବାହାରିଲେ । ଏହି ହୋଟେଲ୍‌ଟି କୋପେନ୍ ହେଗେନ୍ ଏୟାରପୋର୍ଟର ସମ୍ମୁଖରେ ଅବସ୍ଥିତ ।

ମନ୍ତ୍ରୀ ଓ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ଙ୍କ ସହିତ ସାକ୍ଷାତ୍‌କାର୍

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ସନ୍ଧ୍ୟା ୫:୫୫ ସମୟରେ ହୋଟେଲ୍‌ରେ ପହଂଚିଲେ । ପ୍ରୋଗ୍ରାମ୍ ମୁତାବକ ଉତ୍ସବ ଆରମ୍ଭ ହେବା ପୂର୍ବରୁ କିଛି ଅତିଥିମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ରଖାଯାଇଥିଲା । ଏହି ଅତିଥିମାନଙ୍କ ଭିତରେ Hon'ble Ulla Sandbaek ସାହେବ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, Hon'ble Ian Messmann ସାହେବ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, Hon'ble Josephine Fock ସାହେବ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, Ambasador of Belgium Pol de witte ସାହେବ୍ ଏବଂ Minister of Culture Affires and Minister for ECCLESIASTICAL Affairs H.E Mr. Bertel Haarder ସାମିଲ୍ ଥିଲେ । ଏବଂ ସମସ୍ତ ଅତିଥିଗଣ କନ୍‌ଫରେନ୍ସ୍ ରୁମ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଅପେକ୍ଷାରେ ଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍‌ରେ ପହଂଚିବା ପରେ କନ୍‌ଫରେନ୍ସ ରୁମ୍‌ରେ ପଦାର୍ପଣ କଲେ ଓ ଅତିଥିମାନର ପରିଚୟ ନେଲେ ।

ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ କି ପ୍ରଥମତଃ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରରେ ଦୁଆ କରିବା ପାଇଁ ଦରଖାସ୍ତ କରିବାକୁ ଚାହିଁବି ଓ ଏହା କହିବା ପାଇଁ ଇଚ୍ଛା କରିବି କି ଡେନିସ୍ ଲୋକମାନେ ଇସ୍‌ଲାମ୍ ବିଷୟରେ ଜାଣିବାକୁ ଚାହୁଁଛନ୍ତି । ସେମାନଙ୍କୁ ବାସ୍ତବିକ୍ ଇସ୍‌ଲାମ୍ ବିଷୟରେ କିଛି ଜଣାନାହିଁ । ସେଥିଯୋଗୁ ମୁଁ ଚାହୁଁଛି ଯେ ଆପଣ ଭିଡ଼ିଓ ଦ୍ୱାରା ସେମାନଙ୍କୁ କୌଣସି ବାର୍ତା ଦିଅନ୍ତୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି । ଯିଏ ଶାନ୍ତିର ବିରୋଧ କରୁଛି ସେମାନେ ଇସ୍‌ଲାମ୍‌କୁ ମାନୁନାହାଁନ୍ତି । ଯେଉଁ ଉଗ୍ରପନ୍ଥୀ ଅଛନ୍ତି ସେମାନଙ୍କର ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ । ସେମାନେ ଇସ୍‌ଲାମୀୟ ଶିକ୍ଷାର ବିରୋଧ କାର୍ଯ୍ୟ କରୁଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯିଏ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଥିଲେ ସେ ଇସ୍‌ଲାମ୍‌ର ଅସଲ ଏବଂ ବାସ୍ତବିକ ଶିକ୍ଷା ଗୁଡିକୁ ଆମ ପର୍ଯ୍ୟନ୍ତ ପହଂଚାଇଛନ୍ତି । ତାହା ସବୁ ସେ ପବିତ୍ର କୋରାନ୍ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ହିଁ ଶିଖିଛନ୍ତି । ଏହ ଆଁ ହଜ୍‌ରତ୍ ସ:ଆ:ସଙ୍କର ହିଁ ତାଲିମ୍ ଅଟେ ଏବଂ ମୁଁ ଏପରି ଇସ୍‌ଲାମ୍‌କୁ ଜାଣିଛି ଯାହା ଶାନ୍ତିପୂର୍ଣ୍ଣ, ସୌହାର୍ଦ୍ଧ୍ୟପୂର୍ଣ୍ଣ ଓ ପ୍ରେମପୂର୍ଣ୍ଣ ଇସ୍‌ଲାମ୍ ଅଟେ ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜଣକ ପ୍ରଶ୍ନ ପଚାରିଲେ କି କିଛି ଲୋକ କହୁଛନ୍ତି ଯେ ଇସ୍‌ଲାମ୍‌ରେ ଇର୍‌ତିଦାଦ୍ (ଧର୍ମ ପରିତ୍ୟାଗ) କରିବାର ଦଣ୍ଡ ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏପରି ନୁହେଁ । ପବିତ୍ର କୋରାନ୍‌ରେ ଅଛି ''ଲା ଇକ୍‌ରାହା ଫିଦ୍ଦୀନ୍'' ଅର୍ଥାତ୍ ଧର୍ମ ବିଷୟରେ କୌଣସି ଜୋର୍ ଜବରଦସ୍ତି ହେବନାହିଁ । ଧର୍ମ ଗ୍ରହଣ କରିବାରେ ଓ ଏହାକୁ ପରିତ୍ୟାଗ କରିବାରେ ଜଣେ ଲୋକ ସମ୍ପୂର୍ଣ୍ଣ ସ୍ୱାଧୀନ୍ । ପବିତ୍ର କୋରାନ୍‌ରେ ଇର୍‌ତାଦ୍‌ର କୌଣସି ଦଣ୍ଡ ନାହିଁ । ଧର୍ମ ପରିବର୍ତନ କରୁଥିବା ବ୍ୟକ୍ତିକୁ ମାରିବା, ଏହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀ ବିରୋଧୀ ଅଟେ । ଇସ୍‌ଲାମ୍ ତ ଶାନ୍ତି, ସୌହାର୍ଦ୍ଧ୍ୟ, ସହିଷ୍ଣୁତା ଓ ଭାଇଚାରାର ଧର୍ମ ଅଟେ, ପ୍ରେମ ଓ ସ୍ନେହର ଧର୍ମ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋ ପାଇଁ ମନୁଷ୍ୟର ସମ୍ମାନ ଓ ମାନବିକ ଅଧିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ବାକି ଅନ୍ୟ ସମସ୍ତ ଜିନିଷ ଗୁଡିକ ଉପରେ ମାନବୀୟ ସମ୍ମାନକୁ ଗୁରୁତ୍ୱ ଦେବା ଉଚିତ୍ ଏବଂ ପ୍ରତ୍ୟେକଙ୍କ ସଙ୍ଗେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରେମ ଓ ସ୍ନେହର ସହିତ ବ୍ୟବହାର କରିବା ଉଚିତ୍ । ଏବଂ ସମସ୍ତଙ୍କର ଅଧିକାର ପ୍ରଦାନ ପାଇଁ ସଚେତନ ରହିବା ଉଚିତ୍ ।

ଏଥିରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜଣକ କହିଲେ ଆପଣଙ୍କ ବାର୍ତ ବହୁତ ସୁନ୍ଦର ବାର୍ତା ଅଟେ, ଯାହାକୁ ମୁଁ ସମଗ୍ର ଦୁନିଆରେ ପ୍ରସାର କରିବା ପାଇଁ ଚାହୁଁଛି । ମୁଁ ଏହା ଜାଣିଥିଲି କି ଅସଲ ଏବଂ ସଠିକ୍ ଇସ୍‌ଲାମ୍ ତାହା ହିଁ ହେବ ଯାହାକୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବର୍ଣ୍ଣନା କଲେ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ୪ ମଇ ବୁଧବାର ଦିନ ଲଣ୍ଡନ୍‌ରୁ ଏଠାକୁ ଆସିଥିଲି । ଏବଂ ଗ୍ରୀଷ୍ମ ସମୟକୁ ଦେଖିଛି । ଏଠିକା ହିସାବରେ ବର୍ତମାନ ହେଉଛି ଗ୍ରୀଷ୍ମ ଋତୁ । ମୁଁ ଯେବେ ଏଠାରୁ ଯିବି ପୁଣି ଏହା ନର୍ମାଲ୍ ହୋଇଯିବ ନଚେତ୍ ସାଧାରଣତଃ ଏଠିକାର ତାପମାତ୍ରା ୧୪ ଡିଗ୍ରୀ ରହିଥାଏ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମର ମୋଟ ହେଉଛି ''ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ'' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' । ଏହା ହେଉଛି ଇସ୍‌ଲାମ୍‌ର ଶିକ୍ଷା ।

ଆଉ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ରହିଛି ''ହୁବ୍‌ବୁଲ୍ ଓ୍ୱତନେ ମିନଲ୍ ଇମାନ୍'' ଅର୍ଥାତ୍-ଦେଶଭକ୍ତି ହେଉଛି ଇମାନ୍‌ର ଅଂଶବିଶେଷ । ଅହେମଦୀମାନେ ଯେଉଁ ଦେଶରେ ରୁହନ୍ତୁ ନା କାହିଁ ସେ ସେହି ଦେଶ ସହିତ ପ୍ରେମ କରିଥାଏ । ଏଠି ଡେନ୍‌ମାର୍କରେ ଯେବେ କୌଣସି ଅହମଦୀଙ୍କୁ ନ୍ୟାସିନାଲିଟି ମିଳିଯାଏ, ତେବେ ସେ ଏହି ଦେଶର ନାଗରିକ ହୋଇଯାଏ । ତେଣୁ ତା ଉପରେ ଏହା ଧାର୍ଯ୍ୟ ଅଟେ କି ସେ ନିଜ ଦେଶର ସେବା କରୁ ଓ ଦେଶର ଉନ୍ନତି ଓ ଦେଶର ଭଲପାଇଁ କାର୍ଯ୍ୟ କରିବ ଓ ନିଜ ଦେଶର ସେବା କରିବ । ଏହାର ଅର୍ଥ ନୁହେଁ କି ସେ ନିଜର ଧର୍ମକୁ ଛାଡ଼ିଦେବ ବରଂ ନିଜ ଧର୍ମରେ ରହି ନିଜ ଦେଶର ଉନ୍ନତି ନିମନ୍ତେ କାର୍ଯ୍ୟ କରି ଚାଲିବ । ଏହା ହେଉଛି ପ୍ରକୃତ ଇଂଟିଗ୍ରେସନ୍ ।

ଆଉଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ କି କଣ ଆପଣ ଅନ୍ୟ ଧର୍ମୀୟ ସଂଗଠନ ମାନଙ୍କ ସହିତ ମିଶିବେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦ ସେମାନେ ମିଶିବା ପାଇଁ ପ୍ରସ୍ତୁତ ତେବେ ମୁଁ ମଧ୍ୟ ପ୍ରସ୍ତୁତ ଅଛି । ଆପଣ କଲ୍‌ଚରାଲ୍ ଆଫାୟାରସ୍‌ର ମନ୍ତ୍ରୀ ଅଛନ୍ତି । ଯଦି ଆପଣ ଏହାର ଆୟୋଜନ କରିବେ । କିନ୍ତୁ ସେମାନେ ଆମ ସହିତ ମିଶିବା ପାଇଁ ପ୍ରସ୍ତୁତ ହେବେନାହିଁ । ସେମାନେ କହୁଛନ୍ତି କି ଆମେ (ଅହେମଦୀମାନେ) ମୁସଲମାନ୍ ନୁହେଁ । ଆମେ ଇସ୍‌ଲାମ୍‌ର ଶିକ୍ଷାକୁ ପରିତ୍ୟାଗ କରିଦେଇଛୁ ବୋଲି ।

ଜେହାଦ୍ ପ୍ରସଙ୍ଗର ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜିହାଦ୍‌ର ଅର୍ଥ ହେଉଛି ପରିଶ୍ରମ କରିବା ଓ ଚେଷ୍ଟା କରିବା ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଯାହା ଶାନ୍ତିପ୍ରିୟ ଶିକ୍ଷା ଅଟେ, ଏହାକୁ ସମସ୍ତଙ୍କ ସମ୍ମୁଖରେ ପହଂଚାଇବା ଅଟେ । ଶାନ୍ତି ଓ ପ୍ରେମର ବାର୍ତା ଦେବା ହେଉଛି ଜେହାଦ୍ । ବର୍ତମାନ ଯୁଗରେ ତରବାରି ଦ୍ୱାରା କୌଣସି ଜିହାଦ୍‌ର ଅନୁମତି ନାହିଁ । କାରଣ ଏ ଯୁଗରେ ଇସ୍‌ଲାମ୍ ବିରୋଧରେ କେହି ମଧ୍ୟ ତରବାରି ଉଠାଉନାହିଁ । କେହି ନିଜର ଅସ୍ତ୍ର ଶସ୍ତ୍ର ଦ୍ୱାରା ଇସ୍‌ଲାମ୍ ଉପରେ ଆକ୍ରମଣ କରୁନାହିଁ । ଏ ଯୁଗରେ କଲମ୍‌ର ଜିହାଦ୍ ଅଛି । ଇସ୍‌ଲାମ୍ ଉପରେ ମିଡ଼ିଆ ଓ ଲିଟେରେଚର୍ ଇତ୍ୟାଦି ପ୍ରକାଶ କରାଯାଇ, ତା ମାଧ୍ୟମରେ ଆକ୍ରମଣ କରାଯାଉଛି । ତେଣୁ ଏହାର ଉତର ମଧ୍ୟ ସେହିପରି ଦିଆଯିବା ଉଚିତ୍ । ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍

*ଅବଶିଷ୍ଟାଂଶ ପୃଷ୍ଠା-୧୦ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**